


# ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବ ଓଡ଼ିଶା

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବ ଓଡ଼ିଶା । ଖୁବ୍‌ଶୀଘ୍ର ରାଜ୍ୟର ଗୋଟିଏ କିମ୍ବା ଦୁଇଟି ପର୍ଯ୍ୟଟନସ୍ଥଳୀକୁ ମିଳିବ ଆଦର୍ଶ ପର୍ଯ୍ୟଟନସ୍ଥଳୀର ମାନ୍ୟତା । ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀମାନଙ୍କ ଜାତୀୟ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ । ଓଡ଼ିଶାରୁ ପୁରୀ ଏବଂ କୋଣାର୍କ ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବାର ସମସ୍ତ ଯୋଗ୍ୟତାକୁ ପୂରଣ କରୁଛି । କେହି ଚାହିଁଲେ ମଧ୍ୟ ଏହି ଦୁଇଟି ସ୍ଥାନକୁ ଆଇକନିକ୍ ଟ୍ୟାଗ୍ ପାଇବାରୁ ବାଦ୍ ଦେଇପାରିବେ ନାହିଁ । ଓଡ଼ିଶା ପକ୍ଷରୁ ଆମକୁ ପର୍ଯ୍ୟଟନସ୍ଥଳୀ ସମ୍ପର୍କିତ ଠିକ୍ ଏବଂ ନିର୍ଦ୍ଦିଷ୍ଟ ତଥ୍ୟ ମିଳି ନ ଥିବାରୁ ଦୁର୍ଭାଗ୍ୟଜନକଭାବେ ଏହି ଦୁଇଟି ସ୍ଥାନ ତାଲିକାରୁ ବାଦ୍ ପଡ଼ିଥିଲା । ତେବେ ଖୁବ୍‌ଶୀଘ୍ର ଓଡ଼ିଶାକୁ ଆଇକନିକ୍ ହେରିଟେଜ୍ ଷ୍ଟାଟସ୍ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପଟେଲ କହିଛନ୍ତି ।

୧୯ ରାଜ୍ୟର ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପର୍ଯ୍ୟଟନ ସଚିବ ଏବଂ ବରିଷ୍ଠ ପର୍ଯ୍ୟଟନ ଅଧିକାରୀଙ୍କୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଦେଶର ପର୍ଯ୍ୟଟନ ଶିଳ୍ପକୁ ବ୍ୟାପକ କରିବା ଲାଗି ମାନସମନ୍ଥନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ପଟେଲ କହିଲେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତଭାବେ ପର୍ଯ୍ୟଟନର ବିକାଶ ଦିଗରେ କାର୍ଯ୍ୟ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିପାଇଁ କାମ କରିବା ଜରୁରୀ । ବିଦେଶୀଙ୍କ ମନରେ ଭାରତକୁ ନେଇ ଯେଉଁ ନକରାତ୍ମକ ଧାରଣା ରହିଛି ତାହା ଜାଣିବା ଲାଗି ରାଜ୍ୟ ସରକାରମାନେ ଏକ ସର୍ଭେ କରନ୍ତୁ । ଏଥିସହ ଆଗାମୀ ୫ବର୍ଷ ମଧ୍ୟରେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଯେପରି ଦୁଇଗୁଣା ବୃଦ୍ଧିପାଇବ ସେହି ଲକ୍ଷ୍ୟ ନେଇ କାମ କରିବାକୁ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପଟେଲ କହିଥିଲେ । ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଆଡ୍‌ଭେଞ୍ଚର୍ ଟୁରିଜିମ୍‌ର ବିକାଶ, ବ୍ରେଡ୍ ଆଣ୍ଡ୍ ବ୍ରେକ୍‌ଫାଷ୍ଟ ଏବଂ ହୋମ୍ ଷ୍ଟେ' ଯୋଜନାର ଗାଇଡ୍‌ଲାଇନ, ସ୍ୱଦେଶ ଦର୍ଶନ ଓ ପ୍ରସାଦ ଯୋଜନାର ଉପଯୋଗିତା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାସହ 'ଇନ୍‌କ୍ରେଡିବଲ୍ ଇଣ୍ଡିଆ' ୱେବ୍‌ସାଇଟର ହିନ୍ଦୀ ଭର୍ସନ ଲୋକାର୍ପଣ କରାଯାଇଥିବାବେଳେ ଆସନ୍ତା ମାସରେ ଚାଇନିଜ୍, ଆରବିକ୍ ଓ ସ୍ପାନିଶ୍ ଭର୍ସନରେ ଏହି ୱେବ୍‌ସାଇଟ୍ ଲୋକାର୍ପିତ ହେବ ବୋଲି ସୂଚନା ଦିଆଯାଇଥିଲା ।

ସୂଚନାଯୋଗ୍ୟ, ୨୦୧୯-୨୦ ଆର୍ଥିକ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ ଦେଶର ୧୭ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରାଯିବ ବୋଲି ଘୋଷଣା କରିଥିଲେ । ତେବେ ଏହି ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ଓଡ଼ିଶାର ଗୋଟିଏ ବି ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇ ନ ଥିଲା । ଏହାକୁ ନେଇ ବିରୋଧ ହେବାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।



ଜାତୀୟ ସମ୍ମିଳନୀରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଉଦ୍‌ବୋଧନ ଦେଉଛନ୍ତି ।

- ପୁରୀ, କୋଣାର୍କକୁ ମିଳିପାରେ ଆଇକନିକ୍ ଟ୍ୟାଗ୍
- ଜାତୀୟ ସମ୍ମିଳନୀରେ ସୂଚନାଦେଲେ କେନ୍ଦ୍ର ପର୍ଯ୍ୟଟନମନ୍ତ୍ରୀ
- ବିଦେଶୀ ପର୍ଯ୍ୟଟକ ଆଗମନ ଦୁଇଗୁଣା କରିବାକୁ ପରାମର୍ଶ

# ରମାଦେବୀ ପରିସରରୁ ହଟିବ ଯୁକ୍ତ୨

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରୁ ଜୁନିଅର୍ କଲେଜ ଅଲଗା ହେବ । ୟୁନିଟ-୯ସ୍ଥିତ ବାଳିକା ହାଇସ୍କୁଲ ପରିସରରେ ହାୟର ସେକେଣ୍ଡାରୀ ସ୍କୁଲ ପ୍ରତିଷ୍ଠା ହେବ । ହାଇସ୍କୁଲ ପରିସରରେ ୩ଏକର ଜମି ଚିହ୍ନଟ କରାଯାଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପଦ୍ମଜା ମିଶ୍ର ସୂଚନା ଦେଇଛନ୍ତି । ଇତିମଧ୍ୟରେ ସର୍ଭେ କାମ ପାଖାପାଖି ସରିଥିବାବେଳେ ଆଗକୁ ବିଲ୍ଡିଂ ନିର୍ମାଣ ଆରମ୍ଭ ହେବ । ତେବେ ନିର୍ମାଣ ସମ୍ପୂର୍ଣ୍ଣ ସରିବା ପରେ ବିଶ୍ୱବିଦ୍ୟାଳୟ ପରିସରରୁ ଯୁକ୍ତ୨ କଲେଜ ଅଲଗା ହେବ । ଏଥିପାଇଁ ଆହୁରି ଦୁଇ ତିନି ବର୍ଷ ଲାଗିବ ବୋଲି କୁଳପତି ମିଶ୍ର କହିଛନ୍ତି ।

# ସାରଳା ମହାଭାରତ ଜ୍ଞାନକୋଷ ପ୍ରସ୍ତୁତି ଲାଗି ପ୍ରୟାସ

## ଜେଏନ୍‌ୟୁ ସାରଳା ଦାସ ଚେୟାର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦିକବି ସାରଳା ଦାସ ଚେୟାର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଙ୍ଗଳବାର ସହବନ୍ଧନ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି । ଜେଏନ୍‌ୟୁ ଭାରତୀୟ ଭାଷା କେନ୍ଦ୍ରଠାରେ ହୋଇଥିବା ଏହି ଚୁକ୍ତିର ମୂଳଲକ୍ଷ୍ୟ ହେଉଛି ବିଶ୍ୱସ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ଉଚ୍ଚତର ଗବେଷଣା । ସେହି ଅନୁସାରେ, ଉଭୟ ବିଶ୍ୱବିଦ୍ୟାଳୟ ସହଯୋଗରେ ସାରଳା ମହାଭାରତର ଜ୍ଞାନକୋଷ ପ୍ରସ୍ତୁତି, ବିଭିନ୍ନ ତାଳପତ୍ର ପୋଥିର ପୁନରୁଦ୍ଧାର, ଓଡ଼ିଆ ଶାସ୍ତ୍ରୀୟ ସାହିତ୍ୟର ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ, ଶାସ୍ତ୍ରୀୟ ସାହିତ୍ୟର ଡିଜିଟାଇଜେଶନ, ଶାରଳା ମହାଭାରତର ଶୁଦ୍ଧ ପାଠ ନିର୍ଣ୍ଣୟ ଭଳି ଗବେଷଣା ପ୍ରକଳ୍ପ ପରିଚାଳିତ ହେବ । ଏହାଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟର ଭାଷା, ସାହିତ୍ୟ ଓ ସଂସ୍କୃତି ଉତ୍କର୍ଷ କେନ୍ଦ୍ର, ସ୍ନାତକୋତ୍ତର ଓଡ଼ିଆ ବିଭାଗ ଏବଂ ଜେଏନ୍‌ୟୁ ସାରଳା ଦାସ ଚେୟାର ସହଯୋଗରେ ଛାତ୍ରୀଛାତ୍ରମାନେ ଅଧିକ ଗବେଷଣା କରିପାରିବେ । ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ଜେଏନ୍‌ୟୁ ଭାଷା ସାହିତ୍ୟ ସଂସ୍କୃତି ସଂସ୍ଥାନର ଡିନ୍ ପ୍ରଫେସର ସୟଦ ଅୟିନୁଲ ହାସନ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ପ୍ରବୋଧ କୁମାର ହୋତା ଏହି ଚୁକ୍ତି ସ୍ୱାକ୍ଷର କରିଥିଲେ । ଜେଏନ୍‌ୟୁ ପ୍ରଫେସର ଏମ୍. ଜଗଦେଶ କୁମାର, ରେକ୍ଟର ପ୍ରଫେସର ଚିନ୍ତାମଣି ମହାପାତ୍ର, ଆଦିକବି ସାରଳା ଦାସ ଚେୟାରର ପ୍ରଫେସର ଉଦୟନାଥ ସାହୁ, ଭାରତୀୟ ଭାଷା କେନ୍ଦ୍ର ଅଧ୍ୟକ୍ଷ ପ୍ରଫେସର ଓମ୍ ପ୍ରକାଶ ସିଂଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହି ଅବସରରେ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ସହିତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରଙ୍କର ଭାବ ବିନିମୟ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

Government College (Auto), Angul
www.gaca.nic.in
Admission Notice: 2019-20
Applications in prescribed Form are invited for admission into the following Self-financing Courses (PPP) offered under Utkal University for the academic session 2019-20

| Course | Eligibility |
|---|---|
| 5-Yr. I-MBA | +2 or Eqv. with 40% in aggregate |
| 2-Yr. MBA (Lateral entry) | +3 or Equivalent with 40% in aggregate |
| 2-Year M.Com. (Finance & Control) | |

Scholarship: Available for eligible SC, ST, OBC & Minority category.
The Application form can be obtained from the College on all working days on payment of Rs. 100/- and the last date for sale and receipt of form is 26.08.2019
PRINCIPAL
Phone: 06764-237370
I-MBA: 9853590609, MBA (LE): 9439494248, M.Com (F&C): 9040717438


ଜିଲ୍ଲା ଟିଠି
ଖୋର୍ଦ୍ଧା

# ବଦନାମର ବୋଝ

ଖୋର୍ଦ୍ଧା ଓ ବେଗୁନିଆ ତହସିଲ ଅଞ୍ଚଳରେ ପଥର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଥିଲା । ଅନୁମତି ନ ଥାଇ ଜଗନ୍ନାଥ ମହାପ୍ରଭୁଙ୍କ ୫୦ରୁ ଉର୍ଦ୍ଧ୍ୱ ଗ୍ରାନାଇଟ୍ ପାହାଡରେ ବେଆଇନ ବ୍ଲାଷ୍ଟିଂ ଓ କ୍ରଶର ଚାଲୁଥିଲା । ଏହାର ପ୍ରଭାବରେ ଆଖପାଖ ଜନବସତିରେ କୃତ୍ରିମ ମୃଦୁ ଭୂମିକମ୍ପ ଅନୁଭୂତ ହେଉଥିଲା । ବହୁ ପାହାଡ ସମତୁଲ ହୋଇ ପରିବେଶ ଉପରେ କୁପ୍ରଭାବ ପକାଉଥିଲା । ବନ୍ୟଜନ୍ତୁ ଗାଁମୁହାଁ ହେଉଥିବାବେଳେ ଜନସାଧାରଣଙ୍କ ଧନଜୀବନ ନଷ୍ଟ ହେବାରେ ଲାଗିଥିଲା । ବ୍ଲାଷ୍ଟିଂ ସମୟରେ ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଥିଲା । ଗୁରୁତର ରୋଗୀ, ଜରୁରୀ କାମଥିବା ଲୋକ, ଛାତ୍ରୀଛାତ୍ର ହଇରାଣର ସମ୍ମୁଖୀନ ହେଉଥିଲେ । ବେଆଇନ ବ୍ଲାଷ୍ଟିଂ ଓ ଖଣି ଖନନକୁ ରୋକିବାକୁ ବିଭିନ୍ନ ସମୟରେ ଅଞ୍ଚଳବାସୀ ପ୍ରତିବାଦ, ଅଭିଯୋଗ କରୁଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ବି ଦେଉଥିଲେ । ତଥାପି ଫଳ ଶୂନ ଥିଲା । ଅଭିଯୋଗର ଫାଇଲ ଶୀତଳଭଣ୍ଡାରକୁ ଚାଲି ଯାଉଥିଲା । ପ୍ରଶାସନ ସବୁ ଜାଣି ଅଜଣା ରହୁଥିବାରୁ ପଥର ବ୍ୟବସାୟୀ ସେମାନଙ୍କର କାରବାରକୁ ଅବାଧରେ ଚାଲୁ ରଖିଥିଲେ । ଏପରି କି ମାମଲା କୋର୍ଟରେ ବିଚାରାଧୀନ ଥିଲେ ମଧ୍ୟ ବେଆଇନ ଖଣି ଖନନକୁ ରୋକା ଯାଇ ପାରି ନ ଥିଲା । ସେହିଭଳି ଖୋର୍ଦ୍ଧା ପୋଲିସ ଜିଲାରେ ବେଆଇନ ନିଶା କାରବାର ବଢ଼ି ଚାଲିଥିବାର ଅଭିଯୋଗ ହୋଇ ଆସୁଥିଲା । ଲୋକଙ୍କ ଅଭିଯୋଗ ପରେ ପୋଲିସ, ଅବକାରୀ ଓ ଜିଲା ପ୍ରଶାସନ ସେଭଳି ପଦକ୍ଷେପ ନେଉ ନ ଥିଲା । ମଝିରେ ମଝିରେ ଯେଉଁ ଲୋକଦେଖାଣିଆ ଚଢ଼ାଉ ହେଉଥିଲା, ତାହା କାରବାରକୁ ବନ୍ଦ କରିବା ପରିବର୍ତ୍ତେ ବଢ଼ାଇ ଚାଲିଥିଲା । ଏହା ପଛରେ ଲୁଚି ରହିଥିଲା ଲାଞ୍ଚ । ମାସିକିଆ ବଟି ଓ ଉପହାର ବନ୍ଦ ହୋଇଗଲେ ଭୟ ସଞ୍ଚାର ପାଇଁ ଚଢ଼ାଉ କରାଯାଉଥିବାର ଅଭିଯୋଗ ଥିଲା । ଏଭଳିସ୍ଥଳେ ନିଶା ଓ ଖଣି କାରବାର ଉପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ପକ୍ଷରୁ ବାରମ୍ବାର ଚଢ଼ାଉ ଓ ଗିରଫଦାରି, ଏନ୍‌କାଉଣ୍ଟର ପରେ ସ୍ଥିତି ବଦଳିଲା । ଫଳରେ ଲୋକେ ଥାନା, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ଓ ପ୍ରଶାସନ ଥିଲା ପରି ଅନୁଭବ କଲେ ନାହିଁ । ଏଣୁ ବଦନାମର ବୋଝ ନ ମୁଣ୍ଡାଇ ସମସ୍ତେ ସାଧୁ ବୋଲି ଦେଖାଇବା ପ୍ରୟାସ ଆରମ୍ଭ ହେଲା । ଲୋକଙ୍କ ନିକଟତର ହେବା ପାଇଁ ଖୋର୍ଦ୍ଧା ପୋଲିସ ଜିଲା ପକ୍ଷରୁ ଆରମ୍ଭ ହେଲା ଅପରେଶନ କ୍ଲିନ । ଏଥିରେ ଅଭିଯୁକ୍ତମାନଙ୍କୁ ଗିରଫ କରି ପୋଲିସ ବାହାବା ନେବାକୁ ଉଦ୍ୟମ କରିଥିଲା । ବେଆଇନ ଖଣି ନିଶା କାରବାରରେ ଲଗାମ ଲଗାଯାଇଛି ବୋଲି ଖବରଦାତା ସମ୍ମିଳନୀ କରି କୁହାଗଲା । ତେବେ ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ ଓ ଖୋର୍ଦ୍ଧା ସଦର ଥାନା ଆଇଆଇସି ବିକ୍ରମ ଜେନା ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ ପରେ ସବୁ କିଛି ବିଗିଡି ଗଲା । ଆଇଆଇସିଙ୍କୁ ୨୦୧୯ ଅଗଷ୍ଟ ୧୫ରେ ମିଳିବାକୁ ଥିବା ପୋଲିସ ପଦକ ବାତିଲ ହୋଇଗଲା । ଖୋର୍ଦ୍ଧା ତହସିଲଦାରଙ୍କର ପଦୋନ୍ନତି ହୋଇ ସାରିଥିଲା । ତେବେ ଷ୍ଟେଶନ ନ ଛାଡ଼ିବା ତାଙ୍କ ପାଇଁ ସମସ୍ୟା ଡାକି ଆଣିଥିଲା । ବେଆଇନ ପଥର ଖନନ ଘଟଣାରେ ଅନେକ ସରକାରୀ କର୍ମଚାରୀ ସମ୍ପୃକ୍ତ ରହିଥିବା ଅଭିଯୋଗ ଥିବାରୁ ଦୁଇ ଅଧିକାରୀଙ୍କୁ ନୋଟିସ ଛନକା ସୃଷ୍ଟି କରିଛି । ଦେଖାଯାଉ ଏହି ଘଟଣାରେ ଆଉ କେଉଁମାନଙ୍କୁ ନୋଟିସ୍ ପରିସରଭୁକ୍ତ କରାଯାଉଛି । ସେହିପରି ବଦନାମର ବୋଝ ଆଉ କିଏ ସମ୍ଭାଳୁଛି ସେନେଇ ଜିଲାବାସୀଙ୍କର ଅପେକ୍ଷା ।

– ଲୋକନାଥ ମିଶ୍ର

# ଆଜି ୭ ଜିଲାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ଓ ଆଉ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ । ତେବେ ୨୨ରୁ ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି । ବିଶେଷ କରି ବ୍ରହ୍ମପୁରରେ ପ୍ରବଳ ବର୍ଷା ହେବାରୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ବୁଧବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଆଦି ୭ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହାଛଡ଼ା ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ । ତେବେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ତେଣୁ ଏହି ସମୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।

ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ୨୨ ଓ ୨୩ ତାରିଖ ଦୁଇଦିନ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ୨୫ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପ ବର୍ଷା ହେବ । ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୨୨ରୁ ୨୫ ତାରିଖ ମଧ୍ୟରେ ପ୍ରତିଦିନ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ସମେତ ଉତ୍ତର ଉପକୂଳରେ ବର୍ଷା ହୋଇପାରେ । ତେବେ ଉତ୍ତର ଓଡ଼ିଶାରେ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

## ଥାନାରୁ ଗିରଫ ଅଭିଯୁକ୍ତ ଫେରାର ଘଟଣା

# ୮ ପୋଲିସ କର୍ମଚାରୀ ନିଲମ୍ବିତ

ବରଗଡ଼ ଅଫିସ୍, ୨୦।୮

- ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ୨ ଏଏସଆଇ, ୪ କନଷ୍ଟେବଳ
- ବରପାଲି, ଭଟଲି ଥାନାରେ କାର୍ଯ୍ୟରତ ଥିଲେ

ବରଗଡ଼ ଜିଲା ଜିଲା ବରପାଲି ଓ ଭଟଲି ଥାନାରୁ ୨ଗିରଫ ଅଭିଯୁକ୍ତ ଫେରାର୍ ହେବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ବରଗଡ଼ ଜିଲା ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି କେ. ଶିବା ସୁବ୍ରାମଣି ଉଭୟ ଘଟଣାରେ ବରପାଲି ଓ ଭଟଲି ଥାନାରେ କାର୍ଯ୍ୟରତ ୮ପୋଲିସ କର୍ମଚାରୀଙ୍କୁ ମଙ୍ଗଳବାର ନିଲମ୍ବିତ କରିଛନ୍ତି । ସେମାନେ ହେଲେ, ବରପାଲି ଥାନାର ଏଏସଆଇ ଜଗନ୍ନାଥ ପଣ୍ଡା, କନଷ୍ଟେବଳ ପହିଲି ସାହୁ, ଆକାଶ ପ୍ରଧାନ, ହୋମଗାର୍ଡ଼ ଛନ୍ଦାଚରଣ ବାରିକ । ସେହିପରି ଭଟଲି ଥାନାର ଏଏସଆଇ ନାରାୟଣ ସେଠ, କନଷ୍ଟେବଳ ସତ୍ୟବାଦୀ ସାହୁ, ସୁକାନ୍ତି ବିଶି ଓ ବୈଲୋଚନ ମାଝିଙ୍କୁ ନିଲମ୍ବିତ କରାଯାଇଛି । ଦିନକରେ ଜିଲାର ୮ପୋଲିସ କର୍ମଚାରୀ ନିଲମ୍ବନ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ପ୍ରକାଶଥାଉକି, ଗତ ୧୬ତାରିଖ ଏକ ମୋବାଇଲ ଚୋରି ଘଟଣାରେ ସାଲେଭଟା ଅଞ୍ଚଳରୁ ଗିରଫ ହୋଇଥିବା ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଭଏଁଷା ଗ୍ରାମର ଶୁଭଲତା ସିଂ ବରପାଲି ଥାନାରୁ ଫେରାର୍ ହୋଇ ଯାଇଥିଲେ । ପରେ ଖୋଜାଖୋଜି କରି ବିଳମ୍ବରେ ପୋଲିସ ତାଙ୍କୁ ପୁଣି ଧରିଥିଲା । ତେବେ ସେହି ଘଟଣାକୁ ୩ଦିନ ବିତି ନ ଥିବାବେଳେ ସୋମବାର ଭଟଲି ଥାନାରୁ ଆଉ ଜଣେ ବଳାତ୍କାର ଗିରଫ ଅଭିଯୁକ୍ତ ଡବଲଙ୍ଗ ଗ୍ରାମର ସୁଦର୍ଶନ ସାହୁ ଫେରାର ହୋଇ ଯାଇଥିଲେ । ଏଯାଏ ତାଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇନାହିଁ । ପୋଲିସ ହେପାଜତରୁ ଗିରଫ ଅଭିଯୁକ୍ତ ଫେରାର୍ ହେବା ପରେ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ ତଦନ୍ତ ପାଇଁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବରଗଡ଼ ଜିଲା ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି ସୁବ୍ରମଣିଙ୍କ ତତ୍ତ୍ୱାବଧାନରେ ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ ଉଭୟ ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିଲେ । ସେହି ରିପୋର୍ଟ ଆଧାରରେ ଉପରୋକ୍ତ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି ।



## ସଂକ୍ଷେପରେ

### ଗଛମୂଳରୁ ଶିଶୁକନ୍ୟା ଉଦ୍ଧାର



ତାଳଚେର, ୨୦।୮(ନି.ପ୍ର.)- ସମଲ ଥାନା ଏକଘରିଆ ଗ୍ରାମର ଏକ ଗଛମୂଳରୁ ମଙ୍ଗଳବାର ନବଜାତ ଶିଶୁକନ୍ୟା ଉଦ୍ଧାର କରାଯାଇଛି। ଜନ୍ମନେବା ପରେ କେହି ଶିଶୁକନ୍ୟାଟିକୁ ଆଣି ଏଠାରେ ପକାଇ ଦେଇଥିବା ଅନୁମାନ କରାଯାଉଛି। ନବଜାତ ଶିଶୁଟିର କାନ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଜାଣିବା ସହ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ଆମ୍ବୁଲାନ୍ସ କର୍ମଚାରୀ ପହଞ୍ଚି ଇଟାଭାଟିର ୨ ମହିଳାଙ୍କ ସହଯୋଗରେ ଶିଶୁଟିକୁ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଶିଶୁଟି ସୁସ୍ଥ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ଏହାପରେ ଶିଶୁକନ୍ୟାଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇ ଥିଲା।

### ଫେରାର ୨ ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ/ବଇଣ୍ଡା, ୨୦।୮- ଅନୁଗୋଳ ଥାନା କଙ୍କିନାଳୀ ଗ୍ରାମର ଜଣେ ଯୁବକଙ୍କୁ ଖଣ୍ଡାରେ ହାଣିବା ଅଭିଯୋଗର ତଦନ୍ତ କରୁଥିବା ପୋଲିସ ମଙ୍ଗଳବାର ଫେରାର ଥିବା ଅଭିଯୁକ୍ତ କିଶୋର ସାମଲ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୧୨ ଦିନ ପୂର୍ବରୁ କିଶୋର ଗ୍ରାମରେ ଝଗଡ଼ା କରିବା ସହ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇ ପାରି ନ ଥିଲା। ମାତ୍ର ମଙ୍ଗଳବାର ଅନୁଗୋଳ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେହିପରି ଠାକୁରଗଡ଼ ପୋଲିସ ଠାକୁରଗଡ଼ ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ମନୋରଞ୍ଜନ ବେହେରାଙ୍କୁ ମଙ୍ଗଳବାର ଗିରଫ କରିଛି। ତାଙ୍କ ନାମରେ ୨୦୧୫ରୁ ମାମଲା ଥିବାବେଳେ ସେ ଦୀର୍ଘଦିନ ହେଲା ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

### ମା’ କାଲୁଣୀଙ୍କ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ବଅଁରପାଳ, ୨୦।୮ (ଡି.ଏନ୍.ଏ.)- ବଅଁରପାଳ ବ୍ଲକ ଜରଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ କାଲୁଣୀଙ୍କ ବାର୍ଷିକ ଯାତ୍ରା ଉତ୍ସବ ମଙ୍ଗଳବାର ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସକାଳେ ଗ୍ରାମର ସମସ୍ତ ଦେବଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଗ୍ରାମ ଦିଅଘରୁ ମା’ କାଲୁଣୀଙ୍କ ଆଲମକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳୀକୁ ଅଣାଯାଇଥିଲା। ଅପରାହ୍ଣରେ ମା’ଙ୍କ ମାଜଣା ପର୍ବ ସହ ରାତିରେ ବଡ଼ ପୂଜା ସମ୍ପନ୍ନ ହୋଇଥିଲା। ମାନସିକ ପାଇଁ ବହୁ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ। ବହୁ ଶିଶୁଙ୍କ ମୁଣ୍ଡନ ମଧ କରାଯାଇଥିଲା। ଯାତ୍ରାସ୍ଥଳରେ ବିଭିନ୍ନ ଦୋକାନ ବଜାର ପଡ଼ିଥିଲା। ଏହି ଯାତ୍ରାକୁ ଗ୍ରାମବାସୀ ପରିଚାଳନା କରିଥିଲେ।

## ପିଏମ୍ଆଇଟିରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ‘ଗୁରୁଜନଙ୍କ ପଦାଙ୍କ ଅନୁସରଣ କର’

ତାଳଚେର, ୨୦।୮(ନି.ପ୍ର.)

ପବିତ୍ର ମୋହନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ପିଏମ୍ଆଇଟି) ଠାରେ ନବାଗତ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଚିନ୍ମୟ ମିଶନ ସଭାପତି ସ୍ୱାମୀ ସର୍ବପ୍ରିୟ ନନ୍ଦ ଯୋଗଦେଇ ଆତ୍ମବଳ, ପ୍ରଚେଷ୍ଟା ଏବଂ ଧୈର୍ଯ୍ୟଶକ୍ତି ସହ ଅଧ୍ୟୟନ କଲେ ଛାତ୍ରୀଛାତ୍ରମାନେ ନିଶ୍ଚିତ ସଫଳତା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଟିଟିପିଏସ୍ ପ୍ରବନ୍ଧକ କେ.ଆର. ପାଣ୍ଡୁ ଯୋଗଦେଇ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ନିଜ ମୌଳିକ ମୂଲ୍ୟବୋଧ ଏବଂ ପ୍ରାକ୍ଟିକାଲ ଟ୍ରେନିଂକୁ ଅଧିକରୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ।





ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ପିଏମ୍ଆଇଟି ସଭାପତି ମୃଦଳା ପ୍ରଧାନ ଗୁରୁଜନମାନଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସସ୍ମିତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ତୁଷାର କାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର, ଅଧ୍ୟାପକ ସୁଧୀର ମିଶ୍ର, ସୋମନାଥ ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ବଢ଼ୁଛି ଚୋରା ନିଶା କାରବାର

ବଅଁରପାଳ, ୨୦।୮ (ଡି.ଏନ୍.ଏ.)

ବଅଁରପାଳ ଓ ନାଲ୍କୋ ଥାନା ଅଞ୍ଚଳରେ ଚୋରା ନିଶା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ବିଭିନ୍ନ ହୋଟେଲ, ଢାବା, ଏପରି କି ତେଜରାତି ଦୋକାନରେ ମଧ୍ୟ ଚୋରାରେ ମଦ ବିକ୍ରି ହେଉଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏହାଛଡ଼ା କେତେକ ଦୋକାନରେ ଗଞ୍ଜେଇ ଓ ଅଫିମ ଆଦି ବିକ୍ରି ଚାଲିଥିବା ଆଲୋଚନା ହେଉଛି। ନାଲ୍କୋ କଲୋନୀ ଆଖପାଖ ଅଞ୍ଚଳରେ ମଧ୍ୟ ନିଶା କାରବାର ହେଉଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଦୁଇ ଚକିଆ ଓ ତିନି ଚକିଆ ଗାଡ଼ିରେ ଚୋରାରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ତଳମୂଳ, ମହୀଧରପୁର, ବଉଳିଗଡ଼, ନାଲ୍କୋ, ବଅଁରପାଳ, ଗୋତମରା, ଗଡ଼ସନ୍ତ୍ରୀ ସମେତ ବିଭିନ୍ନ ସ୍ଥାନରେ ଚୋରା ନିଶା କାରବାର ବଢୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : dklselfie@gmail.com



@ ରତି



@ ସରୋଜ

## ଜନ୍ମଦିବସରେ ରାଜୀବଙ୍କୁ ଶ୍ରଦ୍ଧାଞ୍ଜଳି

ବଅଁରପାଳ/ତାଳଚେର, ୨୦।୮ (ଡି.ଏନ୍.ଏ.)

ନାଲ୍କୋ ଏମ୍ପ୍ଲୋଇ ସଂଘ ନେସ୍ ପକ୍ଷରୁ ମଙ୍ଗଳବାର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଦିଲୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ନିର୍ମଳ ସାମଲ ରାଜୀବ ଗାନ୍ଧୀଙ୍କ ଜୀବନୀ ତଥା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ପକ୍ଷରୁ ନାଲ୍କୋ ପ୍ରଶାସନିକ କାର୍ଯ୍ୟାଳୟ ଠାରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ମୁରଲୀ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ମନୋଜ ସ୍ୱାଇଁ, ବିଜନ ଦଳବେହେରା, ମିଲୁ ଧୀର, ରଣଜିତ ସାହୁ,



ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ନେସ୍‌ର କର୍ମକର୍ତ୍ତାମାନେ।

ସୁଧାଂଶୁ ମିଶ୍ର, କିଶୋର ସାହୁ, ଅଟଳବିହାରୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳଚେରସ୍ଥିତ ଡରା ଶ୍ରମିକ ଭବନ ଠାରେ ତାଳଚେର କଂଗ୍ରେସ ପକ୍ଷରୁ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ରାଜକିଶୋର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁର୍ଗାଚରଣ ସାହୁ, ଡାକ୍ତର ମାହାନ୍ତି, ଭୁପେନ ଥମ୍ଭ, ପ୍ରଭାତ ରଥ, ବିଶ୍ୱରଞ୍ଜନ ପାଣି, ସୌଭାଗ୍ୟ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


### ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.

Utkalika ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି ବାରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦

**ବିଜ୍ଞାପନ**

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା ନିମ୍ନଲିଖିତ ସ୍ଥାନ ମାନଙ୍କରେ ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

୧. ନାରୀ କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ଼-ତା.୦୪/୦୯/୧୯ ଠାରୁ ତା.୧୪/୦୯/୧୯
୨. ଏମ୍.ସି.ଏଲ୍, ବସୁନ୍ଧରା, ରାଉରକେଲା - ତା.୧୬/୦୯/୧୯ ଠାରୁ ତା.୨୩/୦୯/୧୯
୩. ଏମ୍.ସି.ଏଲ୍, ବଳନ୍ଦା, ରାଉରକେଲା - ତା.୨୭/୦୯/୧୯ ଠାରୁ ତା.୦୪/୧୦/୧୯

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ ତା.୨୫/୦୮/୨୦୧୯ରିଖ ଅପରାହ୍ଣ ୪ ଘଟିକା ସୁଦ୍ଧା ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ। ସ୍ୱା/- ପରିଚାଳନା ନିର୍ଦ୍ଦେଶକ








## ଓଭରହେଡ ଟାଙ୍କି କାର୍ଯ୍ୟ ନିମ୍ନମାନର ଅଭିଯୋଗ

ତାଳଚେର, ୨୦।୮(ନି.ପ୍ର.)



ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତ ଟାଇଁପାଳ ବାଳିକା ଉଚ୍ଚବିଦ୍ୟାଳୟ ନିକଟରେ ନିର୍ମାଣ କରାଯାଇଥିବା ପାନୀୟଜଳ ପ୍ରକଳ୍ପ ଓଭରହେଡ ଟାଙ୍କି କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରାଙ୍କୁ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ଅନୁଗୋଳ ଜିଲାପାଳ ଓ ତାଳଚେର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ତେବେ ଅଭିଯୋଗ ଉପରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଜେଇ ସୁବାସ ସେନାପତି କହିଛନ୍ତି, ପାଣି ଟାଙ୍କି କାମ ଠିକ୍ ହୋଇଛି। ଫିନିସିଙ୍ଗ କାମ ଠିକ୍ ହୋଇ ନାହିଁ। ଏହା କରାଯିବାକୁ ଠିକାଦାରଙ୍କୁ କୁହାଯାଇଛି।

# ନିଶା କବଳରୁ ଯୁବ ସମାଜ ଦୂରେଇ ରହୁ



ଆଲୋଚନାଚକ୍ର ଅବସରରେ ଛାତ୍ରୀଛାତ୍ରମାନେ।

ଛେଣ୍ଡିପଦା, ୨୦।୮(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟଠାରେ ମଙ୍ଗଳବାର ରାଜ ସଂସ୍କାର କମିଟି ତୁକୁଡା ଓ ଆମ ପରିବାର ଚକ୍ର ଅନୁଗୋଳର ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ନିଶା ନିବାରଣ ସଂକ୍ରାନ୍ତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ ସଂସ୍କାର କମିଟି ସମ୍ପାଦକ ସିପୁନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ନିଶା ମୁକ୍ତି ଅଭିଯାନ କର୍ମୀ ତଥା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କର୍ମୀ ଅପର୍ଣ୍ଣା ନାୟକ ଯୋଗ ଦେଇ ନିଶା କବଳରୁ ଯୁବ ସମାଜ ଦୂରେଇ ରହି ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଷମା ପ୍ରଧାନ, ଅନୁଗୋଳ ଯୁବଶକ୍ତି ସଙ୍ଗଠନ ସଭାପତି ବ୍ରହ୍ମଜ୍ୟୋତି ମିଶ୍ର, ସାମାଜିକ କର୍ମୀ ଅଜୟ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ସୁମନ୍ତ ସାହୁ, ରାଜେଶ ଦେହୁରୀ, ଶକ୍ତିକାନ୍ତ ଦେହୁରୀ, ପ୍ରବୀଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।


### ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

**ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି**

ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ : ପିପିଲି, ଜିଲ୍ଲା: ପୁରୀ, ଫୋନ୍ ନଂ.: ୦୬୭୫୮-୨୪୧୭୧୮, ମୋ.: ୯୮୬୧୩୫୫୮୦୭

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦ ଟେଣ୍ଡର ସହ ପ୍ରତ୍ୟେକ ଗାଡ଼ି ନିମନ୍ତେ ଭିନ୍ନ ଭିନ୍ନ ଲଫାପାରେ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ** ଭୁବନେଶ୍ୱରକୁ ପୈଠ ଦର୍ଶାଇ ନିମ୍ନରେ ସମ୍ପୃକ୍ତ ଶାଖା ନିମନ୍ତେ ଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି** ଠାରେ **ମଧ୍ୟାହ୍ନ ୧୨.୦୦ ଘଟିକା ସୁଦ୍ଧା** ପହଞ୍ଚିବା ଆବଶ୍ୟକ। ବନ୍ଦ ଲଫାପା ଉପରେ **“ଗାଡ଼ି ନିଲାମ ବିକ୍ରୟ”, ଶାଖାର ନାମ, ଗାଡ଼ିର ମଡ୍ଲେ, ଗାଡ଼ି ନଂ. କିମ୍ବା ଇଞ୍ଜିନ ନଂ.** ଉଲ୍ଲେଖ କରିବା ଉଚିତ।

| କ୍ର. ନଂ. | ଶାଖା / ନିଲାମ ସ୍ଥାନ ଏବଂ ତାରିଖ / ଲୋନ୍ ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଗାଡ଼ିର ମଡ୍ଲେ / ଗାଡ଼ି ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି |
|---|---|---|---|
| | **ଅସ୍ତରଙ୍ଗ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ** | | |
| ୧. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୧୦୦୨୬ / ଋଣଗ୍ରହୀତା: ଅକ୍ଷୟ କାଣ୍ଡି, ପିତା: ମାର୍କଣ୍ଡ କାଣ୍ଡି, ସା: ଦକ୍ଷିଣ ପନ୍ତାଳ, ପୋ: ନଗର, ଜିଲ୍ଲା: ପୁରୀ | Tata Magic, REGD NO.: OR-02-BU-6947, ENGINE NO.: 275IDI06MYYSP0178, CHASSIS NO.: MAT445112BVPA5039 | ଟ.୧୮,୭୫୦/- / ଟ.୬,୦୦୦/- |
| ୨. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୧୦୦୨୧ / ଋଣଗ୍ରହୀତା: ହର୍ଷା ବାରିକ, ସ୍ୱାମୀ: ସନାତନ ବାରିକ, ସା: ବେଗୁନିଆ ବସ୍ତ, ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | Tata Magic, REGD NO.: OR-02-BU-1387, ENGINE NO.: S1J8000027, CHASSIS NO.: MAT491121BJK07939 | ଟ.୧୫,୦୦୦/- / ଟ.୬,୦୦୦/- |
| ୩. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୨୧୪୦୦୦୧ / ଋଣଗ୍ରହୀତା: ଶଙ୍କର ଛାଟୋଇ, ପିତା: ସାଧୁ ଛାଟୋଇ, ସା/ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ | John Deere 5038 D Tractor (only Engine), REGD NO.: OD-02-N-1297, ENGINE NO.: PY3029D349729, CHASSIS NO.: 1PY5038DEDA010060 | ଟ.୧,୩୫,୦୦୦/- / ଟ.୬,୦୦୦/- |
| ୪. | ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୨୦୦୦୧୧ / ଋଣଗ୍ରହୀତା: ବିନ୍ଦୁସାଗର ମଲ୍ଲିକ, ପିତା: ଗଙ୍ଗାଧର ମଲ୍ଲିକ, ସା/ପୋ: ଡେରୁଣିଆ, ଜିଲ୍ଲା: ପୁରୀ | Tata Indigo ECS Car, REGD NO.: OR-02-BW-7657, ENGINE NO.: 475IDT14BXYP09046, CHASSIS NO.: MAT607146CWB10097 | ଟ.୬୦,୦୦୦/- / ଟ.୬,୦୦୦/- |
| ୫. | ଆକାଉଣ୍ଟ ନଂ.: ୦୦୦୧୦୩୬୪୧୦୦୦୦୧୦ / ଋଣଗ୍ରହୀତା: ନିରଞ୍ଜନ ସାହୁ, ପିତା: ପ୍ରହଲ୍ଲାଦ ସାହୁ, ସା: ବାଜପୁର, ପୋ: କେ.ଏନ୍. ପାଟଣା, ଜିଲ୍ଲା: ପୁରୀ | Tavera, REGD NO.: OR-02-BF-8495, ENGINE NO.: 3AK102128, CHASSIS NO.: MA6AB605AAHI01560 | ଟ.୧,୨୦,୦୦୦/- / ଟ.୬,୦୦୦/- |
| | **ବାମନାଳ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ** | | |
| ୬. | ଆକାଉଣ୍ଟ ନଂ.: ୦୦୧୧୦୩୧୭୧୨୦୦୦୦୨ / ଋଣଗ୍ରହୀତା: ନିରଞ୍ଜନ ବଳବନ୍ତରାୟ, ପିତା: ସୁରେନ୍ଦ୍ର ବଳବନ୍ତରାୟ, ସା: ଯଅଁରା, ପୋ: ସଲଙ୍ଗ, ଜିଲ୍ଲା: ପୁରୀ | Mahindra 475 DI Tractor (only Engine) , REGD NO.: OD-13-A-9334, ENGINE NO.: NJNWL1383, CHASSIS NO. NJNWL1383 | ଟ.୧,୨୭,୫୦୦/- / ଟ.୬,୦୦୦/- |
| ୭. | ଆକାଉଣ୍ଟ ନଂ.: ୦୦୧୧୦୩୧୭୧୨୦୦୦୦୯ / ଋଣଗ୍ରହୀତା: ଭାଗ୍ୟଧର ବାରିକ, ପିତା: ଫଗୁ ବାରିକ, ସା/ପୋ: ସଲଙ୍ଗ (ମଠସାହି), ଜିଲ୍ଲା: ପୁରୀ | Piaggio Auto D 35, REGD NO.: OD-13-1349, ENGINE NO.: RZJ2200240, CHASSIS NO.: MBX0001CFPJ577433 | ଟ.୧୩,୫୦୦/- / ଟ.୩,୦୦୦/- |
| | **ବାଙ୍ଗୁରୀଗାଁ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ** | | |
| ୮. | ଆକାଉଣ୍ଟ ନଂ.: ୦୦୧୨୦୩୧୭୧୨୦୦୦୨୧ / ଋଣଗ୍ରହୀତା: ଶ୍ରୀମତୀ ଅମୀୟବାଳା ପ୍ରଧାନ, ସ୍ୱାମୀ: ପ୍ରଶାନ୍ତ କୁମାର ପ୍ରଧାନ, ସା: ଛେନୁଅଁ, ପୋ: ଶିଶୁଅ, ଥାନା: କୋଣାର୍କ, ଜିଲ୍ଲା: ପୁରୀ | Tata Indigo ECSLX Car, REGD NO.: OR-02-BY-8572, ENGINE NO.: 475IDT14EXYP31208, CHASSIS NO. MAT607161CWE28697 | ଟ.୬୭,୫୦୦/- / ଟ.୬,୦୦୦/- |
| ୯. | ଆକାଉଣ୍ଟ ନଂ.: ୦୦୧୨୦୩୬୪୧୧୦୦୦୦୯ / ଋଣଗ୍ରହୀତା: ସୁଧାକର ମହାନ୍ତି, ପିତା: ମାୟାଧର ମହାନ୍ତି, ସା: ପାଟସୁନ୍ଦରପୁର, ପୋ: କାକଟପୁର, ଜିଲ୍ଲା: ପୁରୀ | Mahindra 475 DI Tractor, REGD NO.: OR-13-H-3401, ENGINE NO.: SBTWL1659, CHASSIS NO.: SBTWL1659 | ଟ.୯୩,୭୫୦/- / ଟ.୬,୦୦୦/- |
| ୧୦. | ଆକାଉଣ୍ଟ ନଂ.: ୦୦୧୨୦୩୧୭୧୨୦୦୦୦୪ / ଋଣଗ୍ରହୀତା: ଶେଖ୍ ଜିଆଫତ୍ ରବାନି, ପିତା: ଶେଖ୍ କେଫାୟତୁଲ୍ଲା, ସା: ସୁହାଣପୁର, ପୋ: ଓଥକା, କାକାଟପୁର, ଜିଲ୍ଲା: ପୁରୀ | Mahindra Maximo Mini Van, REGD NO.: OR-02-BV-6604, ENGINE NO.: MCB6M31127, CHASSIS NO.: MA1FB2MCRB6M52763 | ଟ.୬୦,୦୦୦/- / ଟ.୬,୦୦୦/- |
| | **ଏରବଙ୍ଗ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ** | | |
| ୧୧. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୧୧ / ଋଣଗ୍ରହୀତା: ଧଡା ବେହେରା, ପିତା: ଉଦୟନାଥ ବେହେରା, ସା: ଅଚ୍ୟୁତପୁର, ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ | APE Piaggio Auto, REGD NO.: OD-13-1839, ENGINE NO.: R2K2219241, CHASSIS NO. MBX0000ZFPK593488 | ଟ.୧୩,୫୦୦/- / ଟ.୩,୦୦୦/- |
| ୧୨. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୭୮ / ଋଣଗ୍ରହୀତା: ପ୍ରଶାନ୍ତି ସ୍ୱାଇଁ, ସ୍ୱାମୀ: କୈଳାଶ ସ୍ୱାଇଁ, ସା: ମାଙ୍କରଗୋରଡି, ପୋ: କୁଣେଇ, ଜିଲ୍ଲା: ପୁରୀ | Mahindra Maximo Load Carrier, REGD NO.: OD-13-0991, ENGINE NO.: HRC6J42048, CHASSIS NO.: MA1FA2HRRC6J24041 | ଟ.୩୭,୫୦୦/- / ଟ.୬,୦୦୦/- |
| ୧୩. | ଆକାଉଣ୍ଟ ନଂ.: ୦୦୩୪୦୩୬୪୧୩୦୦୦୩୧ / ଋଣଗ୍ରହୀତା: ସୌମ୍ୟରଞ୍ଜନ ପ୍ରଧାନ, ପିତା: ରାମ ଚନ୍ଦ୍ର ପ୍ରଧାନ, ସା/ପୋ: ଶିଶୁଅ, ଜିଲ୍ଲା: ପୁରୀ | Indigo ECS Car, REGD NO.: OD-02-G-6991, ENGINE NO.: 475IDTWYP24374, CHASSIS NO.: MAT60761DWE05119 | ଟ.୬୭,୫୦୦/- / ଟ.୬,୦୦୦/- |
| ୧୪. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୦୯ / ଋଣଗ୍ରହୀତା: ପ୍ରଭାତୀ ଭଟ୍ଟ, ସ୍ୱାମୀ: ପ୍ରମୋଦ ଭଟ୍ଟ, ସା: ସଫୀପୁର, ପୋ: ଗଡକରମଳା, ଜିଲ୍ଲା: ପୁରୀ | New Holland 3037 Tractor (Engine & Trolly), ENGINE NO.: D86031, CHASSIS NO.: 6205671 | ଟ.୧,୧୨,୫୦୦/- / ଟ.୬,୦୦୦/- |
| ୧୫. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୨୩ / ଋଣଗ୍ରହୀତା: ସନ୍ତୋଷ କୁମାର ପ୍ରଧାନ, ପିତା: ଲୋକନାଥ ପ୍ରଧାନ, ସା/ପୋ: ଏରବଙ୍ଗ, ଜିଲ୍ଲା: ପୁରୀ | Mahindra Maximo Load Carrier, REGD NO.: OD-13-2102, ENGINE NO.: HRC6HG0606, CHASSIS NO.: MA1FA2HRRC6H22126 | ଟ.୩୭,୫୦୦/- / ଟ.୬,୦୦୦/- |
| ୧୬. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୨୨ / ଋଣଗ୍ରହୀତା: ନକୁଳ କାଣ୍ଡି, ପିତା:: ପୂର୍ଣ୍ଣ କାଣ୍ଡି, ସା/ପୋ: ସାରଡା, ଜିଲ୍ଲା: ପୁରୀ | Mahindra Yubraj 215 Tractor (Engine & Trolly), ENGINE NO.: AF21925, CHASSIS NO.: AGR21820 | ଟ.୬୦,୦୦୦/- / ଟ.୬,୦୦୦/- |
| ୧୭. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୫୬ / ଋଣଗ୍ରହୀତା: ଦୀପକ କୁମାର ଦାଶ, ପିତା: ଗୋପାଳ ଚନ୍ଦ୍ର ରାମାନୁଜ ଦାଶ, ସା: କୁଶୁପୁର, ପୋ: ଗୋପ, ଜିଲ୍ଲା: ପୁରୀ | Mahindra 475 BP Tractor (Engine & Trolly), REGD NO.: OD-13-4234/4235, ENGINE NO.: NJNWL2021, CHASSIS NO.: NJNWL2021 | ଟ.୯୩,୭୫୦/- / ଟ.୬,୦୦୦/- |
| ୧୮. | ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୧୪ / ଋଣଗ୍ରହୀତା: ଶରତ କାଣ୍ଡି, ପିତା: ବାସୁ କାଣ୍ଡି, ସା/ପୋ: ସାରଡା, ଜିଲ୍ଲା: ପୁରୀ | Mahindra Yubraj 215 Tractor (Engine & Trolly), ENGINE NO.: 178322, CHASSIS NO.: AGR19288 | ଟ.୫୨,୫୦୦/- / ଟ.୬,୦୦୦/- |
| | **ନରିଶ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ** | | |
| ୧୯. | ଆକାଉଣ୍ଟ ନଂ.: ୦୦୬୯୦୩୧୭୧୨୦୦୦୪୩ / ଋଣଗ୍ରହୀତା: ନିରୁପମା ସ୍ୱାଇଁ, ସ୍ୱାମୀ: ସତ୍ୟନାରାୟଣ ସ୍ୱାଇଁ, ସା/ପୋ: ନହନ୍ତରା, ଜିଲ୍ଲା: ପୁରୀ | Mahindra 475 DI Tractor, ENGINE NO.: RJNY - 00284, CHASSIS NO.: RJNY - 00284 | ଟ.୧,୧୨,୫୦୦/- / ଟ.୬,୦୦୦/- |
| | **ପଶ୍ଚିମଦ୍ୱାର ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ** | | |
| ୨୦. | ଆକାଉଣ୍ଟ ନଂ.: ୦୧୨୭୦୩୧୭୧୨୦୦୦୪୬ / ଋଣଗ୍ରହୀତା: ବାସୁଦେବ ସ୍ୱାଇଁ, ପିତା: ଯଦୁ ସ୍ୱାଇଁ, ସା: ଚକ୍ରବର୍ତ୍ତୀ ପାଟଣା, ପୋ: ଗୋପିନାଥପୁର, ଜିଲ୍ଲା: ପୁରୀ | Mahindra 475 DI Tractor (Engine With Trolly), REGD NO.: OD-13-0726/0727, ENGINE NO.: SBSWL2527, CHASSIS NO.: SBSWL2527 | ଟ.୯୦,୦୦୦/- / ଟ.୬,୦୦୦/- |

ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୧ ଏବଂ ୨ ନିମନ୍ତେ): ଆର୍‌ଆଇସି ପାର୍କିଂ ୟାର୍ଡ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଅସ୍ତରଙ୍ଗ ଶାଖା ପଛପାର୍ଶ୍ୱ, ଜିଲ୍ଲା: ପୁରୀ, ଯୋଗାଯୋଗ ବ୍ୟକ୍ତି: ରମେଶ ପ୍ରଧାନ, ମୋବାଇଲ୍ ନଂ: ୮୦୧୮୨୫୪୨୮୩
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୩, ୪, ୫, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮ ଏବଂ ୨୦ ନିମନ୍ତେ): ଆର୍‌ଆଇସି ପାର୍କିଂ ୟାର୍ଡ, ସା: ବ୍ରହ୍ମପୁରା, ୪୨ ମୌଜା, ଜିଲ୍ଲା: କଟକ, ଯୋଗାଯୋଗ ବ୍ୟକ୍ତି: ଜିତେନ୍ଦ୍ର ଦାସ, ମୋବାଇଲ୍ ନଂ: ୮୧୪୪୬୭୬୦୩୬
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୬, ୭ ଏବଂ ୧୯ ନିମନ୍ତେ): ଆଇଆଇସି, ମଙ୍ଗରାଜ ଷ୍ଟକ୍ ୟାର୍ଡ, ଡାଳଖାଇ ମନ୍ଦିର ନିକଟ, ଝାରପଡ଼ା, ଭୁବନେଶ୍ୱର ଯୋଗାଯୋଗ ବ୍ୟକ୍ତି: ପି.ସି. ପ୍ରଧାନ, ମୋବାଇଲ୍ ନଂ.: ୭୫୩୮୦୮୫୧୪୫

ଆଗ୍ରହୀ ନିଲାମଧାରୀମାନେ ଉପର ଦର୍ଶିତ ଗାଡ଼ି ଗୁଡିକ ସପକ୍ଷରେ ପଠାଇଥିବା ଜଉମୁଦ ଟେଣ୍ଡର ଲଫାପାଗୁଡିକ ସମ୍ପୃକ୍ତ ଶାଖା ନିମନ୍ତେ ଉପରଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି ଠାରେ ଅପରାହ୍ଣ ୦୨.୩୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ଉପରୋକ୍ତ ପାର୍କିଂ/ଷ୍ଟକ୍ ୟାର୍ଡର ମୋବାଇଲ୍ ନଂ. ରେ ଯୋଗାଯୋଗ କରି ଗାଡ଼ିଗୁଡ଼ିକ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ନିଲାମ ଡ଼ାକ ଚୂଡ଼ାନ୍ତ ହେଲେ ସେ ବିକ୍ରୟ ମୂଲ୍ୟର ୧୦% **ଆବଶ୍ୟକ ଜିଏସ୍‌ଟି ସହିତ** ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **ଆବଶ୍ୟକ ଜିଏସ୍‌ଟି ସହିତ ୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/କ୍ୟାସ୍ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ସମ୍ପୃକ୍ତ ଶାଖାକୁ ପୈଠ ଦର୍ଶାଇ ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ** ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଉକ୍ତ ଗାଡ଼ିକୁ ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ ନିଲାମଧାରୀ ବହନ କରିବେ। ଗାଡ଼ିଟି **“ଯାହା ଯେପରି ଏବଂ ଯେଉଁଠାରେ ଯେପରି ଅଛି”** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ତାରିଖ : ୨୦.୦୮.୨୦୧୯, ସ୍ଥାନ : ପିପିଲି — କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

## ସଂକ୍ଷେପରେ

### ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ

ମାଧପୁର,୨୦।୮- ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀ ପ୍ରକଳ୍ପ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ମଙ୍ଗଳବାର ଗ୍ରାମବାସୀ ତଥା ସ୍କୁଲ କମିଟି ତରଫରୁ ଆଠମଲ୍ଲିକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ଏହାର ଏକ ନକଲ ମଧ ଆଠମଲ୍ଲିକ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଅନୁଗୋଳଙ୍କୁ ଦିଆଯାଇଛି। ଆଗାମୀ ୫ ଦିନ ଭିତରେ ସ୍କୁଲରେ ଜଣେ ବିଜ୍ଞାନ ଏବଂ ଜଣେ କଳା ଶିକ୍ଷକଙ୍କୁ ନିଯୁକ୍ତି ଦିଆ ନ ଗଲେ ତାଲା ପକେଇ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ବିଦ୍ୟାଳୟର ୪ ଜଣ ଶିକ୍ଷୟିତ୍ରୀଙ୍କ ଭିତରୁ ୨ ଜଣ ପ୍ରସବକାଳୀନ ଛୁଟିରେ ଯିବା ହେତୁ ଏପରି ସମସ୍ୟା ଉପୁଜିଥିବା ଜଣାପଡିଛି।

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ୨ ଗୁରୁତର



ଛେଣ୍ଡିପଦା,୨୦।୮(ସ୍ୱ.ପ୍ର.)- ଜରପଡା-ଛେଣ୍ଡିପଦା ପୂର୍ତ୍ତ ବିଭାଗ ରାସ୍ତାର ପଳାସବଣିଆ ନିକଟରେ ଏକ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଥିବା ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକର ପରିଚୟ ମିଳିଛି ଓ ସେ ହେଲେ ଠାକୁରଗଡ ଥାନା ଗରା ଗ୍ରାମର ଶ୍ରୀକାନ୍ତ ପେଣ୍ଠୋଇ। ଛେଣ୍ଡିପଦାରୁ ଉଭୟେ ଏକ ବାଇକ୍‌ରେ ଯାଉଥିବା ବେଳେ ପଳାସବଣିଆ ଛକ ନିକଟରେ ଜରପଡାରୁ ଛେଣ୍ଡିପଦା ଅଭିମୁଖେ ଯାଉଥିବା ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ହତ୍ୟା ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଆଠମଲ୍ଲିକ,୨୦।୮(ଡି.ଏନ.ଏ.)- ଚରିତ୍ରକୁ ସନ୍ଦେହ କରି ସୋମବାର ଅପରାହ୍ନରେ ଦ୍ୱିତୀୟ ସ୍ତ୍ରୀଙ୍କୁ କୋଡ଼ିରେ ହାଣି ହତ୍ୟା କରିଥିବା ଆଠମଲ୍ଲିକ ଥାନା ଗଦାଧରପୁର ଗ୍ରାମର ଅଭିଯୁକ୍ତ ଶେଷଦେବ କୁଦେଇଙ୍କୁ ପୋଲିସ ମଙ୍ଗଳବାର ଗିରଫ ପରେ କୋର୍ଟଚାଲାଣ କରିଛି। ସେହିପରି ସନ୍ଧ୍ୟା ହୋଇଯିବା ଯୋଗୁ ସୋମବାର ସଂରକ୍ଷିତ ରଖାଯାଇଥିବା ମୃତଦେହ ମଙ୍ଗଳବାର ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

### ୩ୟ ଦିନରେ ଖଣି ବନ୍ଦ ଆନ୍ଦୋଳନ

କଣିହାଁ,୨୦।୮(ଡି.ଏନ.ଏ.)- ନିଯୁକ୍ତି ଓ ଥଇଥାନ ଦାବିରେ ଅନୁଗୋଳ ଜିଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମର କ୍ଷତିଗ୍ରସ୍ତମାନେ ଏମ୍‌ସିଏଲ୍‌ର କଣିହାଁ ଓସିପି କୋଇଲା ଖଣିରେ ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ୩ୟ ଦିନରେ ପହଞ୍ଚିଛି। ଫଳରେ ଖଣି କାର୍ଯ୍ୟ ବନ୍ଦ ରହିଛି। ପୋଲିସ, ପ୍ରଶାସନ, ଖଣି କର୍ତ୍ତୃପକ୍ଷ ବୁଝାଶୁଝା କରି ୩ ସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନକାରୀ ରାଜି ହୋଇଥିଲେ। ହେଲେ ଲିଖିତ ପ୍ରତିଶ୍ରୁତି ନ ମିଳିବାରୁ ଆନ୍ଦୋଳନ ଜାରି ରହିଛି। ଯେ ପର୍ଯ୍ୟନ୍ତ ଦାବି ପୂରଣ ହୋଇ ନାହିଁ, ସେ ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ବାରିକ କହିଛନ୍ତି। କଣିହାଁ ଥାନା ଆଇଆଇସି ପ୍ରଭାତ ତ୍ରିପାଠୀ କହିଛନ୍ତି, ଆନ୍ଦୋଳନକାରୀ ଜିଦରେ ଅଟଳ ରହିଛନ୍ତି। ଖଣି କାର୍ଯ୍ୟ ବନ୍ଦ ରହିଛି। ସେହିପରି ଆନ୍ଦୋଳନ ଯୋଗୁ କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ କୋଇଲା ସଙ୍କଟ ଦେଖାଦେଇଛି। ଫଳରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଏନ୍‌ଟିପିସି ଜନସମ୍ପର୍କ ଅଧିକାରୀ ଅମିତ ବେହେରା କହିଛନ୍ତି, ୩ ଦିନ ହେଲା କଣିହାଁ ଖଣିରୁ କୋଇଲା ଆସୁନାହିଁ। ତାଳଚେର ଅଞ୍ଚଳରୁ ଯାହା ଆସୁଛି ତାହା ୪ଟି ୟୁନିଟ୍ ଚଳାଇବାରେ ଶେଷ ହୋଇଯାଉଛି। ଅନ୍ୟ ୨ଟି ୟୁନିଟ୍ ସଂରକ୍ଷଣ କାର୍ଯ୍ୟକୁ ନେଇ ବନ୍ଦ ରହିଛି।

# ସଚେତନ ହେଲେ ଚାଷୀ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଚାଷୀମାନେ।

**ବଇଣ୍ଡା,୨୦।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ କ୍ଷେତ୍ରପାଳ ଡାଙ୍ଗିନାଳୀ ସାହିଠାରେ ଗର୍ଭବତୀଙ୍କୁ ପୋଷଣ ଓ ଚାଷୀଙ୍କୁ ପନିପରିବା ଚାଷ ସମ୍ପର୍କରେ ସଚେତନ କରିବା ପାଇଁ ଏକ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭାରତୀ ନାୟକ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇ ଗର୍ଭବତୀମାନେ କିଭଳି ପରିଷ୍କାର ପରିଚ୍ଛନ୍ନ ରହିବା ସହ ପୋଷକଯୁକ୍ତ ଖାଦ୍ୟ ଖାଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସେହିପରି ଅଳ୍ପ ଖର୍ଚ୍ଚରେ ଚାଷୀମାନେ କିଭଳି ପନିପରିବା ଚାଷ କରି ଭଲ ଲାଭ ପାଇପାରିବେ ସେ ନେଇ ଚାଷୀଙ୍କୁ ତାଲିମ ଦେଇଥିଲେ। ଏଥିରେ କ୍ଷେତ୍ରପାଳ, ଡାଙ୍ଗିନାଳୀ ସାହି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜଳ ଓ ପରିମଳ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ୪୭ ପରିବାରକୁ ୩ଟି ଲେଖାଏଁ ଗଛ ପ୍ରଦାନ କରାଯାଇଥିଲା। ଅଙ୍କିତ ମହାପାତ୍ର, ରମେଶ ଦେହୁରି, ଅଭୟ ଚରଣ ସାହୁ, ପ୍ରଦୀପ ମିଶ୍ର ସହଯୋଗ କରିଥିଲେ। ୱାର୍ଡ ମେମ୍ବର ଚନ୍ଦ୍ରାବତୀ ଦେହୁରି, ପୂର୍ଣ୍ଣଚନ୍ଦ୍ର ଦେହୁରି ପ୍ରମୁଖ ଯୋଗ ଦେଇଥିଲେ।

## ଡାକ୍ତରଙ୍କ ଅନୁପସ୍ଥିତି ନେଇ ଅଭିଯୋଗ

**ଛେଣ୍ଡିପଦା,୨୦।୮(ସ୍ୱ.ପ୍ର.)**

ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ କଡରେ ଥିବା ଜରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ମୁତାବକ, ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ଏଠାରେ ଜଣେ ଡାକ୍ତର ନିଯୁକ୍ତ ହୋଇଛନ୍ତି। ତେବେ ସମ୍ପୃକ୍ତ ଡାକ୍ତର ମାସକୁ ଥରେ ଡାକ୍ତରଖାନାକୁ ଆସି ପଳାଇ ଯାଉଛନ୍ତି। ଫଳରେ ରୋଗୀମାନେ ଚିକିତ୍ସା ନ ପାଇ ସ୍ୱାସ୍ଥ୍ୟକେନ୍ଦ୍ରରୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଏପରିକି ଏଠାରେ ଶବ ବ୍ୟବଚ୍ଛେଦ ଗୃହ ନ ଥିବାରୁ ମୃତକଙ୍କ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜରପଡା ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା ନାରାୟଣ ସାହୁ, ରସାନନ୍ଦ ସାହୁ, ଶତ୍ରୁଘ୍ନ ସାହୁ, ରବୀନ୍ଦ୍ର ସାହୁ, ହରମୋହନ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବ୍ଲକସ୍ତରୀୟ ଚକ୍ଷୁ ସ୍ୱାସ୍ଥ୍ୟ ତାଲିମ ଶିବିର




ମଞ୍ଚାସୀନ ଅଧିକାରୀମାନେ।

**ବନ୍ତଲା, ୨୦।୮ (ଡି.ଏନ୍.ଏ.)**

ଅନୁଗୋଳ ସଦର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବ୍ଲକସ୍ତରୀୟ ଆଶାକର୍ମୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ପ୍ରଶାସନ ସାଇଟ୍ ସେଭର୍ସ ଇଣ୍ଟରନ୍ୟାଶନାଲ ଓ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଶିବିରକୁ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଘନଶ୍ୟାମ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାଇଟ୍ ସେଭରର୍ସ ଶାରଦା ପ୍ରସନ୍ନ ଷଡ଼ଙ୍ଗୀ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନା ମଧୁସ୍ମିତା ଦ୍ୱିବେଦୀ ଓ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୫୬ ଜଣ ଆଶାକର୍ମୀ ଯୋଗଦାନ ଦେଇଥିଲେ। ଚକ୍ଷୁ ସଚେତନତା ସୃଷ୍ଟି କରିବା, ରୋଗୀମାନଙ୍କୁ ପ୍ରାଥମିକ ଚକ୍ଷୁ ପରୀକ୍ଷା କରିବା ସହ କିପରି ଠିକ୍ ସମୟରେ ଚକ୍ଷୁ ବିଶେଷଜ୍ଞମାନଙ୍କ ନିକଟକୁ ପଠାଇବା ଏହାର ମୂଳ ଲକ୍ଷ୍ୟ ଥିଲା। ତାଲିମ୍‌କୁ ସାଇଟ୍ ସେଭର୍ସ ଶାରଦା ପ୍ରସନ୍ନ ଷଡ଼ଙ୍ଗୀ ସମ୍ପାଦନ କରିଥିଲେ।

# ରାଜୀବଙ୍କ ଅବଦାନ ଉପରେ ଆଲୋକପାତ




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା କଂଗ୍ରେସ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୨୦।୮**

ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୫ ତମ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜୀବଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ନଗର କଂଗ୍ରେସ ସଭାପତି ସୁଦୀପ ମିଶ୍ର, ବଲବୀର ସିଂ, ପିସିସି ସମ୍ପାଦକ ପ୍ରଫୁଲ୍ଲ ଦାସ, ଜୟନ୍ତ ସାହୁ, ଆଇଏନ୍‌ଟିୟୁସି ସମ୍ପାଦକ ରଶ୍ମିରଞ୍ଜନ ସାହୁ, ଅରୁଣ କୁମାର ଦାସ, ଲକ୍ଷ୍ମୀ ଜେନା, ଅରୂପ ସାମଲ, ଶିବପ୍ରସାଦ ପ୍ରଧାନ, ରଣଜିତ ପ୍ରଧାନ, ଫାରୁକ ଅହମ୍ମଦ, ଅମି ପ୍ରଧାନ, ଅଭିଷେକ ନାୟକ, ସ୍ୱାଧୀନ ଦେହୁରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

**ଛେଣ୍ଡିପଦା,୨୦।୮(ସ୍ୱ.ପ୍ର.)**

ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସଭାଗୃହରେ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ମହାମିଳନ ମୁର୍ମୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ସିଡିପିଓ ସେବାସ୍ତିଆନା କୁଜୁର ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ଡାକ୍ତରଖାନା ପରିସରକୁ ପକ୍କା କରିବା, ରୋଗୀଙ୍କ ପାଇଁ ବିଶ୍ରାମ ଗୃହ, ସଭାଗୃହ, ଓପିଡି ଆଲୁମିନିୟମ କବାଟ ଝରକା ମରାମତି ଉପରେ ଗୁରୁତ୍ୱାରୋପ କରିଥିଲେ। ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ସିକ୍ୟୁରିଟି ଗାର୍ଡ ନିଯୁକ୍ତି ସହ ନିରାମୟ ଯୋଜନାରେ ଔଷଧ ଯୋଗାଇ ଦିଆଯାଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର କୋଷାଧ୍ୟକ୍ଷ ପ୍ରମୋଦ କୁମାର ସିଂ ବୈଠକରେ ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ମୋନାଲିସା ଗଡନାୟକ, ସଂଘମିତ୍ରା ଦାଶଙ୍କ ସମେତ ରୋଗୀ କଲ୍ୟାଣ କମିଟି ସଭ୍ୟ ବିନୋଦ ମହାପାତ୍ର, ତ୍ରିନାଥ ସାହୁ, ଏବିଇଓ ଶରତ ଗଡନାୟକ, ଦିଲୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଉଜ୍ଜ୍ୱଳ ଭବିଷ୍ୟ କାମନା କଲେ ଛାତ୍ରୀ



**ଅନୁଗୋଳ ଅଫିସ, ୨୦।୮**

ଅନୁଗୋଳ ଶିମିଳିପଡ଼ାସ୍ଥିତ ଲିଟିଲ ହାର୍ଟ୍ସ ଟଡଲରସ ଏକାଡେମୀରେ ରକ୍ଷାବନ୍ଧନ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନେ ଛାତ୍ରମାନଙ୍କ ହାତରେ ରାଖୀ ବାନ୍ଧି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରମାନଙ୍କୁ ରକ୍ଷାବନ୍ଧନ ପର୍ବର ପୌରାଣିକ ଓ ଐତିହାସିକ ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ସ୍କୁଲ ଅଧ୍ୟକ୍ଷା ଜ୍ୟୋତି ଗୋହିଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଶୃଙ୍ଖଳାର ସହ ପୂଜା, ଭସାଣି ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ,୨୦।୮**

ଅନୁଗୋଳ ଜିଲା କଳାକେନ୍ଦ୍ରଠାରେ ମଙ୍ଗଳବାର ଅନୁଗୋଳ ସେଣ୍ଟ୍ରାଲ ଗଣେଶ ପୂଜା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପୂଜା କମିଟିର ସଦସ୍ୟ ଯୋଗ ଦେଇଥିଲେ। ଚଳିତ ବର୍ଷ ଗଣେଶ ପୂଜା କିଭଳି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି ଭସାଣି ସମ୍ପର୍କରେ ମଧ ନିଷ୍ପତ୍ତି ନିଆଯାଇଥିଲା। ଲଟେରି ଅନୁସାରେ ମେଢଗୁଡ଼ିକ ଭସାଣି ଶୋଭାଯାତ୍ରାରେ ବାହାରିବ ବୋଲି ସ୍ଥିର କରାଯାଇଥିଲା। ଥାନା ଛକରେ ଅପରାହ୍ନ ୨ଟା ସୁଦ୍ଧା ସବୁ ମେଢ ପହଞ୍ଚିବ। ୩ଟାରେ ମେଳଣ ଆରମ୍ଭ ହେବ। ଥାନା ଛକରୁ ମେଢ ଗୁଡ଼ିକ ବାହାରି ବଜାର ଦେଇ ଷ୍ଟାଡିୟମରେ ଏକତ୍ରିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ବିଭିନ୍ନ ପୂଜା କମିଟି ସଦସ୍ୟ ସାଗର ରଞ୍ଜନ ପ୍ରଧାନ, ସତ୍ୟନାରାୟଣ ମହାନ୍ତି, ଅନିଲ ଦଳବେହେରା, ଦିପୁନ ବେହେରା, ପ୍ରଦ୍ୟୁମ୍ନ ସାହୁ, ବିମଳ ମୁଖୀ, ସୁନୀଲ ପ୍ରଧାନ, ଭବାନୀଶଙ୍କର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ବୈଠକ ବସିଥିଲା। ୮ ତାରିଖରେ ସବୁ ପୂଜା କମିଟି ପକ୍ଷରୁ ମେଳନ ହେବ। ତା ପୂର୍ବରୁ ଯେଉଁମାନେ ଶୋଭାଯାତ୍ରା କରିବାକୁ ଚାହିଁବେ ସେମାନେ ବଜାର ମଧ୍ୟ ଦେଇ ପ୍ରବେଶ କରିପାରିବେ ନାହିଁ। ସେହିପରି ସାଜସଜ୍ଜାକୁ ନେଇ ମେଢଗୁଡ଼ିକୁ ପୁରସ୍କୃତ କରାଯିବ ବୋଲି ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି।

# ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ବଅଁରପାଳ, ୨୦।୮ (ଡି.ଏନ୍.ଏ.)**

ବଅଁରପାଳ ଠାରେ ଆମ୍ବେଡକର ଫାଉଣ୍ଡେଶନ ପକ୍ଷରୁ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଯାଇଛି। ଫାଉଣ୍ଡେଶନ ଅଧ୍ୟକ୍ଷ ତରଣୀସେନ ନାୟକ ଏହାର ଉନ୍ମୋଚନ କରିଥିଲେ। ସଭାପତି ନିର୍ମଳ ଚନ୍ଦ୍ର ନାୟକ, ସମ୍ପାଦକ ଗୋପାଳ ଚନ୍ଦ୍ର ନାୟକ, ନରେଶ ଚନ୍ଦ୍ର ବେହେରା, କୁମୁଦ ନାୟକ, ପ୍ରଦ୍ୟୁମ୍ନ ନାୟକ, ସୁଧାକର ନାୟକ, ଅଶୋକ ନାୟକ, ତ୍ରିଲୋଚନ ନାୟକ, ରିତେଶ ନାୟକ, କ୍ଷୀରୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭତ୍ତା, ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

**ଛେଣ୍ଡିପଦା,୨୦।୮ (ଡି.ଏନ.ଏ.)/ (ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସଭାଗୃହଠାରେ ବ୍ଲକର ୩୧୭ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ମାସିକ ଭତ୍ତା ବଣ୍ଟନ କରାଯାଇଛି। ସେହିପରି ୪୯ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଡିଓ ରୋମାଞ୍ଚଳ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ସାହୁ, ପଞ୍ଚାୟତ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ, ସାମାଜିକ କର୍ମୀ ପ୍ରଦୀପ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି ତଥା ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ୨୭୦ ଛାତ୍ରୀଛାତ୍ରଙ୍କ ଦନ୍ତ ଚିକିତ୍ସା

**ଅନୁଗୋଳ ଅଫିସ, ୨୦।୮**



ଶିବିରରେ ଉପସ୍ଥିତ ଡାକ୍ତରମାନେ।

ଅନୁଗୋଳ ବଡ଼କେରାସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସ୍କୁଲର ୬ ଶହ ଛାତ୍ରୀଛାତ୍ରଙ୍କୁ ମାଗଣା ଟୁଥ୍ ବ୍ରସ, ପେଷ୍ଟ ବଣ୍ଟାଯିବା ସହ ସେମାନଙ୍କ ଦାନ୍ତ, ମାଢ଼ି ଓ ମୁଖ ଗହ୍ୱରର ଯତ୍ନ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ସେହିପରି ୨୭୦ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଇଣ୍ଡିଆନ୍ ଡେଣ୍ଟାଲ ଆସୋସିଏଶନ୍ ଅନୁଗୋଳ ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରରେ ଡା. ଶଶାଙ୍କ ଶେଖର ସାହୁ, ଡା. ବିଭୁପ୍ରସାଦ ଷଡ଼ଙ୍ଗୀ, ଡା. ଜନ୍ କୁଦୁର, ଡା. ଦୀପକ ମାଝି, ଡା. ବି.ଏନ୍. ମିଶ୍ର, ଡା. ପି.କେ. ମିଶ୍ର, ଲୋପାମୁଦ୍ରା କଅଁର, ଅଭିଜିତା ସାହୁ, ଆଶିଷ ରାଉତ. ପି.ପି. ଗୌରବ, ଡା. ଶକ୍ତିପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିବାବେଳେ ଆଇଡିଏ ରାଜ୍ୟ ଶାଖା ସଂଯୋଜକ ଡା. ପି.ପି. ସ୍ୱାଇଁ ଓ କୋଷାଧ୍ୟକ୍ଷ ଡା. ରାମଚନ୍ଦ୍ର ବାରିକ ଅତିଥି ଭାବେ ଯୋଗଦେଇଥିଲେ।

# ଆଦର୍ଶ ପଞ୍ଚାୟତ ଗଢ଼ିବାକୁ ନିଷ୍ପତ୍ତି




ବୈଠକରେ ଯୋଗ ଦେଇଥିବା ସଙ୍ଗଠନର ସଦସ୍ୟା ଓ ଅନ୍ୟମାନେ।

**ଛେଣ୍ଡିପଦା,୨୦।୮(ସ୍ୱ.ପ୍ର.)**

ଛେଣ୍ଡିପଦା ପଞ୍ଚାୟତ କାର୍ଯ୍ୟାଳୟ ସଭାଘର ଠାରେ ମଙ୍ଗଳବାର ଅଲିଭା ମହିଳା ଅଧିକାର ସାମ୍ମୁଖ୍ୟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଥିବା ସମସ୍ୟାକୁ ଚିହ୍ନଟ କରିବା, ମହିଳାମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବନ୍ଦ କରିବା, ଗ୍ରାମକୁ ହିଂସାମୁକ୍ତ କରିବା, ବାଲ୍ୟ ବିବାହ ବନ୍ଦ ପାଇଁ ପଦକ୍ଷେପ ନେବା ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିପରି ସଙ୍ଗଠନ ମାଧ୍ୟମରେ ଏହାର ସମାଧାନ କରି ଆଦର୍ଶ ପଞ୍ଚାୟତ ଗଢିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଙ୍ଗଠନ ସଂଯୋଜିକା ଅଞ୍ଜନା ମହାକୁଡ, ସଂଯୋଜକ ସୁରେଶ ନାୟକ, ସଭ୍ୟା ରୀତାଞ୍ଜଳି ସାହୁଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଆନନ୍ଦବଜାର ଲକ୍ଷ୍ମୀପୂଜା କମିଟିର ପ୍ରସ୍ତୁତି ବୈଠକ

**ଢେଙ୍କାନାଳ ଅଫିସ, ୨୦।୮:** ଚଳିତ ବର୍ଷ ଲକ୍ଷ୍ମୀପୂଜା ପାଇଁ ଢେଙ୍କାନାଳ ଆନନ୍ଦ ବଜାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଚକ୍ରଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ପୂଜାରେ ଆକର୍ଷଣୀୟ ସାଜସଜ୍ଜା, ଆଲୋକ ବ୍ୟବସ୍ଥା କରାଯିବ। ଭସାଣି ଶୋଭାଯାତ୍ରାରେ ରାଜ୍ୟ ବାହାରର ପ୍ରତିଷ୍ଠିତ ସାଂସ୍କୃତିକ ଦଳ ଆମନ୍ତ୍ରିତ ହୋଇ ଆସିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ବାଦ୍‌ଦେଲେ ଆସନ୍ତା ୩ବର୍ଷ ମଧ୍ୟରେ ମା'ଙ୍କ ଚାନ୍ଦିମେଢ଼ ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥି ଲାଗି ଏକ କମିଟି ଗଠିତ ହୋଇଛି। ଗତବର୍ଷ ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କୁ ପୁନର୍ବାର ଚଳିତବର୍ଷ ପୂଜାକାର୍ଯ୍ୟ ପରିଚାଳନା ଲାଗି ଦାୟିତ୍ୱ ମିଳିଛି। ସଭାପତି ଭାବେ ଚକ୍ରଧର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ସାହୁ, ଉପସଭାପତି କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ସହସମ୍ପାଦକ ବଳଭଦ୍ର ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ବିମଳ ନାୟକ, ସୋମନାଥ ଭଞ୍ଜ, ଶ୍ୟାମସୁନ୍ଦର ନାୟକ, ରଞ୍ଜନ ନାୟକ, ଲିପୁନ ପ୍ରଧାନ, ପ୍ରଦ୍ୟୁମ୍ନ ଦାଶ କାର୍ଯ୍ୟକାରିଣୀ କମିଟିରେ ସ୍ଥାନ ପାଇଛନ୍ତି। ସେହିପରି ଦେବାଶିଷ ମିଶ୍ର, ଶିବସାଇ ମହାପାତ୍ର, ଶରତ ମିଶ୍ର ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।

## ଆବାସିକ ବିଦ୍ୟାଳୟରୁ ନିଖୋଜ ୩ ଛାତ୍ର ଉଦ୍ଧାର

**ବାରିପଦା ଅଫିସ,୨୦।୮:** ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଶିରିଶବଣୀସ୍ଥିତ ଏସ୍‌ଭିଏସ୍ ଆବାସିକ ବିଦ୍ୟାଳୟରୁ ନିଖୋଜ ଥିବା ନବମ ଶ୍ରେଣୀର ୩ ଛାତ୍ରଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ୨ ଜଣଙ୍କୁ ରାଉରକେଲା ଓ ଅନ୍ୟ ଜଣଙ୍କୁ ଟାଟାରୁ ଠାବ କରାଯାଇଥିଲା। ସେମାନଙ୍କୁ ବାରିପଦା ଅଣାଯାଉଛି ବୋଲି ସଦର ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି। ସେମାନେ କେଉଁ ପରିସ୍ଥିତିରେ ବିଦ୍ୟାଳୟ ଛାଡିଯାଇଥିଲେ ଏ ନେଇ ଅଧିକ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଗତ ୧୫ ତାରିଖ ବିଳମ୍ବିତ ରାତିରେ ବିଦ୍ୟାଳୟ ପାଚେରି ଡେଇଁ ଛାତ୍ର ୩ ଜଣ ପଳାଇ ଯାଇଥିଲେ। ବିଦ୍ୟାଳୟ ପକ୍ଷରୁ ୧୬ ତାରିଖରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ନିଖୋଜ ଛାତ୍ରଙ୍କୁ ଖୋଜିବା ପାଇଁ ୨ଟି ଟିମ ଗଠନ କରିଥିଲା।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**କେନ୍ଦୁଝର, ୨୦।୮(ଡି.ଏନ୍.ଏ.):** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବଡହଲ ଗ୍ରାମର ହେମଲତା ଦାଶ(୮୦) ନାମ୍ନୀ ଜଣେ ବୃଦ୍ଧା ପୋଖରୀରେ ଗାଧୋଉଥିବା ସମୟରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଦମକଳବାହିନୀ ଓ ପୋଲିସ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ମରଶରୀର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ■ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା

# ମୃତଦେହ ରଖି ରାଜପଥ ଅବରୋଧ

■୬ ଘଣ୍ଟା ଧରି ଅଟକିଲା ଯାତାୟାତ

■ଡିଏଫ୍‌ଓଙ୍କୁ ୧୦ ଦଫା ସମ୍ମିଳିତ ଦାବିପତ୍ର

■ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ପରଜଙ୍ଗ, ୨୦।୮(ଡି.ଏନ୍.ଏ.)**


ଉତ୍ତ୍ୟକ୍ତ ଲୋକଙ୍କୁ ବନ ବିଭାଗ କର୍ମଚାରୀ ଏବଂ ପୋଲିସ ବୁଝାଶୁଝା କରୁଛନ୍ତି।

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ନରହନ୍ତା ଦନ୍ତା ଆତଙ୍କ ଚରମସୀମାରେ ପହଞ୍ଚିଛି। ବନ କର୍ମଚାରୀଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ହାତୀ ଅଞ୍ଚଳଛାଡ଼ି ଯିବାର ନା ଧରୁନାହିଁ। ଏଥିରେ ଅତିଷ୍ଠ ହୋଇ ପଡ଼ିଥିବା ଡମୋଳ ଗ୍ରାମବାସୀ ମଙ୍ଗଳବାର ରାସ୍ତାକୁ ଓହ୍ଲାଇ ବନ ବିଭାଗ ବିରୋଧରେ ରାଗ ଝାଡ଼ିଛନ୍ତି। ଏହାକୁ ନେଇ ଦୀର୍ଘ ୬ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା।

ସୋମବାର ସନ୍ଧ୍ୟାରେ ଉନ୍ମତ୍ତ ଦନ୍ତା ଆକ୍ରମଣରେ ଡମୋଳ ଗ୍ରାମର ଶାନ୍ତନୁ ସାମଲଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିଲା। ମଙ୍ଗଳବାର ସକାଳେ ବିଜେଡି ନେତା ବାବୁଲି ମହାଭୋଇଙ୍କ ନେତୃତ୍ୱରେ ଗ୍ରାମବାସୀ ସରାଙ୍ଗ ଗେଟ୍ ନିକଟରେ ସକାଳ ୬ଟାରୁ ମୃତଦେହ ରଖି ଟାୟାର ଜାଳି ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ହାତୀ ଉପଦ୍ରୁତ ଅଞ୍ଚଳରେ ବନ କର୍ମଚାରୀ ଠିକ୍ ଭାବେ ଡ୍ୟୁଟି କରୁନାହାନ୍ତି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରେ ଘଟଣାସ୍ଥଳରେ ଡିଏଫ୍‌ଓ ସୁଦର୍ଶନ ପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଜିଦ୍‌ରେ ଅଡ଼ିବସିଥିଲେ। ହାତୀ ଉପଦ୍ରବ ରୋକିବା ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ସେମାନେ ୧୦ଦଫା ସମ୍ମିଳିତ ଦାବିପତ୍ର ଡିଏଫଓଙ୍କୁ ଦେଇଥିଲେ। ଦାବିଗୁଡ଼ିକୁ ସମାଧାନ କରିବା ପରେ ହିଁ ରାସ୍ତାରୋକୋ ହଟିବ ବୋଲି ଚରମବାଣୀ ଶୁଣାଇଥିଲେ।

ଦନ୍ତା ଆକ୍ରମଣରେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ଜଣେ ସଦସ୍ୟଙ୍କୁ ଅସ୍ଥାୟୀ ନିଯୁକ୍ତି, ସରାଙ୍ଗ ଗେଟ-ଡମୋଳ ରାସ୍ତାରେ ଆଲୋକୀକରଣ, ରାସ୍ତାର ଉଭୟ ପାର୍ଶ୍ୱରୁ ଲଟାବୁଦା ସଫେଇ, ଗ୍ରାମର ଯୁବକଙ୍କୁ ହାତୀସ୍କ୍ୱାଡ୍‌ରେ ନିଯୁକ୍ତି, ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଅନ୍ୟତ୍ର ସ୍ଥାନାନ୍ତର, ହାତୀଜନିତ କ୍ଷତିପୂରଣ ମାସକ ମଧ୍ୟରେ ପ୍ରଦାନ, ହାତୀ ଉପଦ୍ରୁତ ଅଞ୍ଚଳରେ ସୋଲାର ବାଡ଼ ନିର୍ମାଣ, ଗ୍ରାମରେ ଫରେଷ୍ଟ ପ୍ରୋଟେକ୍ସନ କ୍ୟାମ୍ପ ପ୍ରତିଷ୍ଠା, ହାତୀ ଆଳ ଦେଖାଇ ବିଦ୍ୟୁତ୍ କାଟ ବନ୍ଦ କରିବା, ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ, ଫରେଷ୍ଟଗାର୍ଡ କ୍ରିଷ୍ଟାପ୍ରିୟା ସାହୁଙ୍କୁ ଅନ୍ୟତ୍ର ବଦଳି, ମନମାନି କରୁଥିବା ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କୁ ଅନ୍ୟ ସେକ୍ସନରେ ନିୟୋଜିତ କରିବାକୁ ଆନ୍ଦୋଳନକାରୀମାନେ ଅଡ଼ିବସିଥିଲେ। ଦାବିଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ଡିଏଫ୍‌ଓ ଲିଖିତ ପ୍ରତିଶ୍ରୁତି ଦେବାପରେ ମଧ୍ୟାହ୍ନ ୧୨ଟାରେ ରାସ୍ତା ଅବରୋଧ ହଟିଥିଲା। ମୃତ ଯୁବକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କର ଚେକ୍ କ୍ଷତିପୂରଣ ଆକାରରେ ଦିଆଯାଇଛି। ତାଙ୍କ ମା'ଙ୍କୁ ଅସ୍ଥାୟୀ ଭାବେ ବନ ବିଭାଗର ନିଯୁକ୍ତି ଦିଆଯାଇଛି।

ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆଇଆଇସି ଆନନ୍ଦ ଡୁଙ୍ଗଡୁଙ୍ଗ୍, ରେଞ୍ଜର ହରମୋହନ ନାୟକ, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ବିଭୁଦାନନ୍ଦ ମିଶ୍ର, ପୂର୍ବାଞ୍ଚଳ ଡେପୁଟି ରେଞ୍ଜର ସତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଭାଜପା ଜିଲା ସଭାପତି ବିଭୂତି ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ପରିଷଦ ସଭ୍ୟ ଶରତ ସାହୁ, ବିଜେଡି ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା

ରାସ୍ତା ଅବରୋଧ କରିଥିବା ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ଏ ନେଇ ଥାନାଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ୍ କୁହନ୍ତି, ଆନ୍ଦୋଳନକାରୀଙ୍କୁ ଅନୁରୋଧ କରିବା ସତ୍ତ୍ୱେ ସେମାନେ ଟାୟାର ଜାଳି ରାସ୍ତାରେ ବସି ରହିଥିଲେ। ଫଳରେ ଦୀର୍ଘସମୟ ଧରି ଯାତ୍ରୀମାନେ ଅଟକି ରହି ନାହିଁ ନ ଥିବା ହିନସ୍ତା ହୋଇଥିଲେ। ଆନ୍ଦୋଳନରେ ସାମିଲ ହୋଇଥିବା ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମୃତ ଏନ୍‌ଜେନ୍ କର୍ମଚାରୀଙ୍କ ସ୍ତ୍ରୀଙ୍କୁ ୮ଲକ୍ଷ ଟଙ୍କା ସହାୟତା


ଏନ୍‌ଜେନ୍ ପକ୍ଷରୁ ସହାୟତା ସମ୍ପର୍କିତ ଚେକ୍ ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୦।୮**

ଢେଙ୍କାନାଳ ଜିଲା ଯୋରନ୍ଦା ଏନ୍‌ଜେନ୍ ସେକ୍ସନରେ କାର୍ଯ୍ୟରତ କର୍ମଚାରୀ ଜିତେନ୍ଦ୍ର ପଣ୍ଡାଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଏନ୍‌ଜେନ୍ ପକ୍ଷରୁ ମଙ୍ଗଳବାର ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏନ୍‌ଜେନ୍ ମାନବସମ୍ବଳ ବିଭାଗ ପ୍ରବନ୍ଧକ ଅନିମେଶ ରାଉତ, ଲିଗାଲହେଡ୍ ଲାଲ୍‌ମୋହନ ସାହୁ, ବିତ୍ତ ଅଧିକାରୀ ରବୀନ୍ଦ୍ର ଦଳବେହେରା ଉପସ୍ଥିତ ରହି ଜିତେନ୍ଦ୍ରଙ୍କ ସ୍ତ୍ରୀ ପ୍ରୀତିନନ୍ଦାଙ୍କୁ ଏ ସମ୍ପର୍କିତ ଚେକ୍ ଦେଇଥିଲେ।

ସୂଚନାଯୋଗ୍ୟ, ବଣସିଂହ ଫିଉଜ୍ କଲ୍ ସେଣ୍ଟରରେ ଜିତେନ୍ଦ୍ର କାର୍ଯ୍ୟରତ ଥିଲେ। ବାହୁଡ଼ା ଯାତ୍ରା ଦିନ ବଣସିଂହ ଆର୍‌ଆଇ ଅଫିସ ନିକଟରେ ସେ ସେସୁର ୧୧ କେଭି କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଜାଡୁଥିଲେ। ଯୋରନ୍ଦା ସେସୁ ଷ୍ଟ୍ରକ୍‌ଟରରୁ ହଠାତ୍ ବିଦ୍ୟୁତ୍ ଚାର୍ଜ କରିଦିଆଯାଇଥିଲା। ବିଦ୍ୟୁତ୍ ଆଘାତ ପାଇ ଜିତେନ୍ଦ୍ର ଖୁଣ୍ଟରୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ପରଦିନ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନ୍‌ଜେନ୍ ପକ୍ଷରୁ ମୃତ କର୍ମଚାରୀଙ୍କ ପରିବାରକୁ କ୍ଷତିପୂରଣ ଏବଂ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା।

# ବର୍ଷାରେ ରାସ୍ତା ଧୋଇଗଲା

**ଢେଙ୍କାନାଳ ଅଫିସ, ୨୦।୮**


ବେରୁଆପାଳ-ତର୍କାବେଡା ଗ୍ରାମରାସ୍ତା ଧୋଇଯାଇଛି।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେରୁଆଁପାଳ-ତର୍କାବେଡା ଗ୍ରାମ ରାସ୍ତା ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ଅଞ୍ଚଳବାସୀ ଗମନାଗମନରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ୬ମାସ ତଳେ ରୁଙ୍ଗ୍‌ଟା ଷ୍ଟିଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ନୂତନ କଲଭର୍ଟ ସହ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତାକାମ ନିମ୍ନମାନର ହେଉଥିବା ତତ୍କାଳୀନ ସମୟରେ ଅଞ୍ଚଳବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ତଥାପି ଏହାର କୌଣସି ସମୀକ୍ଷା କରାଯାଇ ନ ଥିଲା। ଫଳରେ ଲଗାଣ ବର୍ଷାରେ ରାସ୍ତାରେ ବିଛାଯାଇଥିବା ମୋରମ ଧୋଇଯାଇଛି। ରାସ୍ତା ମରାମତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦିଗରେ ବ୍ଲକ ଏବଂ ଜିଲା ପ୍ରଶାସନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବୈତରଣୀରେ ଜଳସ୍ତର ହ୍ରାସ

**ଭଣ୍ଡାରିପୋଖରୀ, ୨୦।୮(ଡି.ଏନ୍.ଏ.)**

ବୈତରଣୀ ନଦୀର ଆଖୁଆପଦାଠାରେ ଜଳସ୍ତର ସୋମବାର ରାତି ୯ଟା ପର୍ଯ୍ୟନ୍ତ ବୃଦ୍ଧି ପାଇ ୧୦ଟା ଠାରୁ ହ୍ରାସ ପାଇବା ଆରମ୍ଭ କରିଥିଲା। ଏଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ସୋମବାର ରାତି ୯ଟା ବେଳକୁ ଜଳସ୍ତର ୧୭.୮୦ ମିଟରରେ ପହଞ୍ଚିଥିଲା। ଜଳସ୍ତର ହ୍ରାସ ଯୋଗୁ ମଙ୍ଗଳବାର ମଧ୍ୟାହ୍ନ ବେଳକୁ ୧୭.୪୫ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ଏହି ସମୟ ମଧ୍ୟରେ ବୈତରଣୀ ଉପରମୁଣ୍ଡ ଆନନ୍ଦପୁରଠାରେ ୨୫.୬ ମି.ମି .ବର୍ଷା ହୋଇଥିବା ବେଳେ ଅନ୍ୟ କୌଣସି ସ୍ଥାନରେ ବର୍ଷା ହୋଇ ନ ଥିବା ଆଖୁଆପଦା ବନ୍ୟା ନିୟନ୍ତ୍ରଣ କକ୍ଷ ସୂତ୍ରରୁ ଜଣାପଡିଛି।

# ସଦସ୍ୟ ସଂଗ୍ରହ କର୍ମଶାଳା


କର୍ମଶାଳାରେ ଭାଜପା କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୦।୮**

ଢେଙ୍କାନାଳ ଭାଜପା ପକ୍ଷରୁ ଡିଜିଟାଲ ମାଧ୍ୟମରେ କରାଯାଉଥିବା ପ୍ରାଥମିକ ସଦସ୍ୟ ସଂଗ୍ରହ ଅଭିଯାନ କର୍ମଶାଳା ଦଳୀୟ କାର୍ଯ୍ୟାଳୟ ଏବଂ ୧ନଂ. ୱାର୍ଡରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଅଞ୍ଚଳବାସୀ ସଦସ୍ୟତା ଗ୍ରହଣ କରିଥିଲେ। ଦଳୀୟ କର୍ମକର୍ତ୍ତାମାନେ ସଦସ୍ୟତା ଫର୍ମ ପୂରଣ କରିବାରେ ସହାୟତା କରିଥିଲେ।

ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର, ଜିଲା ସଦସ୍ୟତା ସଂଗ୍ରହ ପ୍ରମୁଖ ମାତୃପ୍ରସାଦ ନନ୍ଦ, ସହ ପ୍ରମୁଖ ବିଷ୍ଣୁପ୍ରସାଦ ଲେଙ୍କା, ସନ୍ତୋଷ ରାଉତ, ଅବନୀକାନ୍ତ ପଟ୍ଟନାୟକ, ପାର୍ଥସାରଥି ପଟ୍ଟନାୟକ, ବିକଳ ଦେହୁରୀ, ନଗେନ୍ ଧଳ, ଆଦିତ୍ୟ ଦ୍ୱିବେଦୀ, ମାନସ ହୋତା, ସସ୍ମିତା ସାମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ଆତ୍ମରକ୍ଷା କୌଶଳ


ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

**କାମାକ୍ଷାନଗର, ୨୦।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଛି। ଝିଲ୍ଲି ଉଚ୍ଚ ବିଦ୍ୟାଳୟରେ ଏସ୍‌ପି ଅନୁପମା ଜେମ୍ସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଟାଏକୋଣ୍ଡୋ ଏବଂ ମାର୍ଶଲ ଆର୍ଟ ଟ୍ରେନରମାନେ ଉପସ୍ଥିତ ପିଲାମାନଙ୍କୁ ତାଲିମ ଦେଇଥିଲେ। ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କମିଲା, ଏସଡିପିଓ ସୁପ୍ରସନ୍ନ ମଲ୍ଲିକ, ମହାବିରୋଡ଼ ଫାଣ୍ଡି ଅଧିକାରୀ ବିନୟ କୁମାର ସାହୁ, ଜିଲା ପରିଷଦ ସଭ୍ୟା ସୁକାନ୍ତି ପ୍ରଧାନ, ପୂର୍ବତନ ସରପଞ୍ଚ ଦିବ୍ୟସିଂହ ଦେହୁରୀ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ଶିକ୍ଷକ ବିଷ୍ଣୁପ୍ରିୟ ପାତ୍ର, ସାଧୁଚରଣ ରାଉତସିଂ, ଜଗବନ୍ଧୁ ବେହେରା, ଗଣେଶ୍ୱର ଗଡ଼ନାୟକ, ତନ୍ମୟ କୁମାର ଦାସ, ପବିତ୍ର ମୋହନ ସାହୁ, ହେମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ଦିବ୍ୟାଙ୍ଗ ଛାତ୍ରୀଙ୍କ ମୃତ୍ୟୁ

**କୁଆମରା, ୨୦।୮(ଡି.ଏନ୍.ଏ.)**

ଖୁଣ୍ଟା ଥାନା କୁଆମରା ଫାଣ୍ଡି ଅନ୍ତର୍ଗତ କାଳିଆପଦା ଗାଁରେ ମଙ୍ଗଳବାର ପୂର୍ବାହ୍ନରେ ଜଣେ ୯ବର୍ଷର ଦିବ୍ୟାଙ୍ଗ ଛାତ୍ରୀ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀ ଜଣକ ଯତୀନ୍ଦ୍ର ସିଂଙ୍କ ଝିଅ ସୋନାଲି । ସେ କାଳିଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ମଙ୍ଗଳବାର ସ୍କୁଲ ଯିବା ପୂର୍ବରୁ ୯ଟା ସମୟରେ ଗ୍ରାମ ନିକଟସ୍ଥ ଏକ ଡଗଓ୍ୱେଲକୁ ଗାଧୋଇବା ପାଇଁ ଯାଇଥିବାବେଳେ ଅସାବଧାନତାରୁ ଗଭୀର ଜଳ ମଧ୍ୟକୁ ଖସି ପଡିଥିଲେ। ତାଙ୍କ ବାପା ବିଲରୁ କାମ ସାରି ଘରକୁ ଫେରି ସୋନାଲିଙ୍କୁ ନ ପାଇ ଖୋଜା ଖୋଜି କରିବାରୁ ସେ ପାଣିରେ ଭାସୁଥିବା ଦେଖିଥିଲେ। ତାଙ୍କୁ କୁଆମରା ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଆମରା ଫାଣ୍ଡି ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇଛି। ଏ ନେଇ ନଂ.୪୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# 'ନବଜାଗରଣ ଆଣିଥିଲେ ରାଜୀବ'


ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

**ଢେଙ୍କାନାଳ ଅଫିସ, ୨୦।୮**

ଭାରତର ସୂଚନା ଏବଂ ପ୍ରଯୁକ୍ତିବିଦ୍ୟାରେ ନବଜାଗରଣ ଆଣିଥିଲେ ରାଜୀବ ଗାନ୍ଧୀ। ତାଙ୍କ ବଳିଷ୍ଠ ନୀତି ଯୋଗୁ ଲକ୍ଷାଧିକ କର୍ମନିଯୁକ୍ତି ସୃଷ୍ଟି ହୋଇପାରିଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ଲୋକପ୍ରିୟ କରିବା ଦିଗରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ପୂର୍ବତନ ପ୍ରଧାମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଅବସରରେ ଏପରି ମତ ରଖିଛନ୍ତି ଦଳର ବରିଷ୍ଠ କର୍ମକର୍ତ୍ତା।

ଜିଲା ସଭାପତି ସୁରେଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତାମାନେ ରାଜୀବଙ୍କ ଫଟୋଚିତ୍ର ଏବଂ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବରିଷ୍ଠ ନେତା ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଡ. ତୁଷାରକାନ୍ତି ନାୟକ ପ୍ରମୁଖ ରାଜୀବଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ମମତାଞ୍ଜଳି ବେହେରା, କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ନିର୍ମଳ ମିଶ୍ର, ବିଜୟ ସ୍ୱାଇଁ, ନିଶାକର ସାହୁ, ଜବିର ବକ୍ସ, ଧନେଶ୍ୱର ଶୁକ୍ଳା, ବିନୟ କୁମାର ସାହୁ, ପ୍ରଭୁଦତ୍ତ ଭଞ୍ଜ, ଉଗ୍ରସେନ ଦେହୁରୀ, ଅମର ସେନାପତି, ମନୋରଞ୍ଜନ ମିଶ୍ର, ମହମ୍ମଦ ସମୀର, ସୁମନ୍ତ ବେହେରା, ଶିଳ୍ପୀ ଶ୍ରୀହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର- ୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ବଢୁଛି ସୁବର୍ଣ୍ଣରେଖା ଜଳସ୍ତର

**ବାଲେଶ୍ୱର ଅଫିସ/ଜଳେଶ୍ୱର, ୨୦।୮**

ବାଲେଶ୍ୱର ଜିଲାରେ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ବୁଢ଼ାବଳଙ୍ଗ ଓ ଜଳକା ନଦୀର ଜଳସ୍ତର ହ୍ରାସ ପାଉଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ଜଳସ୍ତର ୮.୬୪ ମିଟର ରହିଥିବାବେଳେ ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୯.୧୮ ମିଟର ରହିଥିବା ଜଳସେଚନ ବିଭାଗ ପକ୍ଷରୁ ଜଣାଯାଇଛି। ସେହିପରି ଜଳକା ନଦୀର ଜଳସ୍ତର ପୂର୍ବାହ୍ନ ୧୦ଟା ସୁଦ୍ଧା ୬.୧୯

## ଶଙ୍କା ବଢ଼ାଉଛି ଦୁର୍ବଳ ନଦୀବନ୍ଧ

ମିଟର ଥିବା ବେଳେ ହ୍ରାସ ପାଇ ସନ୍ଧ୍ୟା ୭ଟା ସୁଦ୍ଧା ବିପଦସଙ୍କେତ ଉପରେ ୫.୯୬ ମିଟର ଉପରେ ପ୍ରବାହିତ ହେଉଛି। ଅପରପକ୍ଷରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ପୂର୍ବାହ୍ନ ୧୦ଟା ସୁଦ୍ଧା ୬.୨୦ ମିଟର ଥିବାବେଳେ ଜଳସ୍ତର କମି ସନ୍ଧ୍ୟା ୭ଟା ସୁଦ୍ଧା ୫.୬୮ ମିଟର ପ୍ରବାହିତ ହେଉଛି। ନଦୀ ଉପରମୁଣ୍ଡରେ ବର୍ଷା ପରିମାଣ ହ୍ରାସ ସତ୍ତ୍ୱେ ନଦୀ ତଳିଆ ଅଞ୍ଚଳବାସୀ ଚିନ୍ତାରେ ରହିଛନ୍ତି। ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ସେମାନେ ନାନା ଆଶଙ୍କାରେ ରହିଛନ୍ତି।

ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ନଦୀ ତଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ଅଧିକ ଆତଙ୍କିତ କରିଛି। କୋଟସାହି, ଗୋବର୍ଦ୍ଧନପୁର, ଜମାଲପୁର, ସାନ ରାଉତପଡା, ବାଇଗଣବାଡିଆ, ରେଳା, ନମକାନା, ଚିତମିଶ୍ରା, ବାଲିକବାଡ଼, ପାଇକସିଦା, ଗଡସାହି ବାଲିଆପାଳ, ପଶ୍ଚିମବାର୍ଡ଼, ଛୋଟଖାନପୁର, ମହୁଲିଆ, ଟିକାୟତପୁର, ସୁଖଦୁଃଖିଆ, ବେଲବାରିଆ, ଚକହରି, ଶିଖରପୁର, ରାଜନଗର, ଭାନୁପୁର, ମଥୁରାନାଥ, ରାଜନଗର, ବଜାରଶୋଳ, ଗୁରୁଦାସପୁର, ଶ୍ରୀରାମପୁର, ପ୍ରହରାଜପୁର, ବେହେରା ସାହି, ମାଳିପାଳ, ମୁଣ୍ଡଦୁଣିଆ, ଓଲମରା, ମାକିଡ଼ିଆ, କୁଆଁରପୁର, ଗୋବରଘଟା, ଲକ୍ଷ୍ମଣନାଥ, ଗୋପ, ପଂଚୁଘଣ୍ଟା, ଶାସନବାଡ, ସେକବାଡ, ଝାଡେଶ୍ୱରପୁର, ରାଜପୁର, ମହମ୍ମଦନଗର ପାଟଣା, ସେକସରାଇ ଆଦି ଅଞ୍ଚଳରେ ଥିବା ନଦୀବନ୍ଧ ଦୁର୍ବଳ ସ୍ଥିତିରେ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ପଥର ସ୍ପର ଓ ପଥର ପ୍ୟାକିଂ ହେଉ ନ ଥିବା ସେମାନେ ଦର୍ଶାଇଛନ୍ତି। ସୁବର୍ଣ୍ଣରେଖା ନଦୀ ଓଡ଼ିଶାରେ ପ୍ରବେଶ କରିଥିବା ରାଜନଗର ଗ୍ରାମଠାରୁ ବଙ୍ଗୋପସାଗରରେ ପଡ଼ିଥିବା ବିଚିତ୍ରପୁର ଗ୍ରାମ ପର୍ଯ୍ୟନ୍ତ ସବୁ ଗ୍ରାମ ପାର୍ଶ୍ୱରେ ଥିବା ନଦୀବନ୍ଧ ପ୍ରାୟତଃ ଦୁର୍ବଳ ସ୍ଥିତିରେ ରହିଛି। ସେହିପରି ଜଳେଶ୍ୱର ବ୍ଲକର ମାକିଡ଼ିଆ ଠାରୁ ଭୋଗରାଇ ବ୍ଲକ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀବନ୍ଧର ଅବସ୍ଥା ଦୁର୍ବଳ ରହିଛି। କେତେକ ସ୍ଥାନରେ ବିଭାଗ ତରଫରୁ ତରବରିଆ ଭାବେ ବାଲିବସ୍ତା ପକାଯାଇଛି। ଅନ୍ୟ ଜାଗାରେ କାମ ଆରମ୍ଭ ହୋଇନାହିଁ। ଏହାକୁ ନେଇ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବିଭାଗୀୟ ଅଧିକାରୀ ନଦୀବନ୍ଧ ତଦାରଖ ଆରମ୍ଭ କରିଛନ୍ତି। ରାଜଘାଟଠାରେ ଓଡ୍ରାଫ୍ ଟିମ୍‌କୁ ସଜାଗ କରାଯାଇଛି। ଜଳେଶ୍ୱର ବ୍ଲକ ତରଫରୁ ୩ଟି ଓ ତହସିଲ ପକ୍ଷରୁ ୩ଟି ବୋଟ୍ ମଧ୍ୟ ରଖାଯାଇଛି। ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଶୁଖିଲା ଖାଦ୍ୟ ମହଜୁଦ ରଖାଯାଇଛି ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।



ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ ପ୍ରବାହିତ।

## ତଳିଆ ଅଞ୍ଚଳ ଜଳମଗ୍ନ ଆଶଙ୍କା

**ବାଲିଆପାଳ, ୨୦।୮(ଡି.ଏନ.ଏ.)**

ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ତଳ ଅଞ୍ଚଳରେ ପ୍ରାୟ ଏକ ସପ୍ତାହ ଧରି ବର୍ଷା ବିପ୍ରାତ ଯୋଗୁ ମଙ୍ଗଳବାର ସୁବର୍ଣ୍ଣରେଖାର ନଦୀର ଜଳପତନ ବୃଦ୍ଧି ପାଇଛି। ଫଳରେ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ପ୍ରକାଶ ପାଇଛି। ବନ୍ୟା ଯୋଗୁ ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଅସ୍ତି, ନିଖିରା, ଘଣ୍ଟୁଆ ଓ କୁମ୍ଭାରୀ ଆଦି ୮ଟି ପଞ୍ଚାୟତର ୩୨ଟି ଗ୍ରାମ ଜଳମଗ୍ନ ହୋଇପାରେ ବୋଲି ଅନୁମାନ କରାଯାଉଛି।

ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚମାନଙ୍କୁ ଏ ଦିଗରେ ସଜାଗ ରହିବା ସହିତ ଆବଶ୍ୟକସ୍ଥଳେ ଡଙ୍ଗା ଯୋଗାଇ ଦେବା ପାଇଁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ବିଷ୍ଣୁପୁର, ରସଲପୁର ରାଉତ୍ରାପୁର, ଇକଡପାଳ, କୁଦମାନସିଂ, ତଳବାଲିଆପାଳ, ଝଲଝଲିଆ, ପାଳଚମ୍ପେଇ, ଚଡବଢାପାଳ, ବଡଖାନପୁର, ମନୁନଗର, ରାମନଗର ରସଲପୁର, କୁହ୍ଲାଚଡ, ତାଳପଦା ଚୌଧୁରୀକୁଦ ଓ ଚଡବସ୍ତ କାଳରୁଇ ଆଦି ଗ୍ରାମରେ ବନ୍ୟା ପାଣି ପ୍ରଥମେ ପ୍ରବେଶ କରିଥାଏ। ନଦୀର ଜଳପତନ ଯେଉଁଭଳି ଭାବରେ ବଢିବାରେ ଲାଗିଛି ସେପରି ଲାଗି ରହିଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଚଳିତବର୍ଷ ବନ୍ଧବାଡ ମରାମତି ହୋଇ ନ ଥିବାରୁ ବନ୍ୟା ଜଳ ଉପରୋକ୍ତ ଗାଁଗୁଡିକରେ ପ୍ରବେଶ କରିବ। ନଦୀର କଙ୍କଡାପାଳ, ଆମ୍ବଚୁଆ ହାଟ, ଇକଡପାଳ, ବଢାପାଳ, ପାଳପଡା ଓ ଝଲଝଲିଆ ଆଦି ସ୍ଥାନରେ ସ୍ପର କିମ୍ବା ପଥର ପ୍ୟାଚିଂ ହୋଇ ନ ଥିବାରୁ ସେସବୁ ସ୍ଥାନରେ ବନ୍ୟା ଜଳ ମାଡ କରିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରଶାସନ ଏଥିପ୍ରତି ସଜାଗ ରହିଛି ବୋଲି ବିଡିଓ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା,୨୦।୮(ଡି.ଏନ.ଏ.)
ହଣ୍ଡପା ଥାନା ବଇଣ୍ଡାଠାରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ି ଗୁଡ଼ିକକୁ ଅଟକାଇ ହେଲମେଟ, କାଗଜପତ୍ର ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୧୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଥାନା ଏଏସ୍ଆଇ କୁନି ବାରିକଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା।

### ୩୪ ଲିଟର ମହୁଲି ଜବତ, ୨ ଗିରଫ



ଅନୁଗୋଳ ଅଫିସ,୨୦।୮- ଅନୁଗୋଳ ଜିଲା ଅବକାରୀ ବିଭାଗ ମଙ୍ଗଳବାର ଅନୁଗୋଳ ମଦନ ମୋହନପଡା ଅଞ୍ଚଳରେ ଚଢାଉ କରି ୩୪ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏହି ଘଟଣାରେ ନରସିଂହପୁର ଗ୍ରାମର ଜଗନ୍ନାଥ ମହାଭୋଇ (୨୫) ଓ ଅଶୋକ କୁମାର ମହାଭୋଇ (୨୮)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମଦନ ମୋହନପଡାରେ ଭଡାଘର ନେଇ ନରସିଂହପୁର ଅଞ୍ଚଳରୁ ଆସି ଉଭୟେ ବେଆଇନ ଭାବେ ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଖବରପାଇ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଜଗନ୍ନାଥଙ୍କଠାରୁ ୧୮ ଲିଟର ଏବଂ ଅଶୋକଙ୍କଠାରୁ ୧୬ ଲିଟର ମହୁଲି ମଦ ଜବତ କରାଯାଇଥିଲା। ଏହି ଚଢାଉରେ ଅନୁଗୋଳ ଅବକାରୀ ଥାନା ଏସ୍ଆଇ ଅରବିନ୍ଦ ରାଉତ ରାଏ, ଏଏସ୍ଆଇ ବିଜୟ କୁମାର ସାମଲ, ହେମନ୍ତ ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ଥିଲେ। ଏ ନେଇ ଅନୁଗୋଳ ଅବକାରୀ ବିଭାଗ ନଂ. ୪୦, ୪୧ରେ ଦୁଇଟି ମାମଲା ରୁଜୁ କରିଛି।

■ମଦ ଦୋକାନ ଉଚ୍ଛେଦ ଦାବି

### ଅବକାରୀ ଅଫିସ୍ ଘେରିଲେ ଗ୍ରାମବାସୀ

ବାଲେଶ୍ୱର ଅଫିସ,୨୦।୮
ବାଲେଶ୍ୱର ଜିଲା ରେମୁଣା ବ୍ଲକ ସାରଗାଁ ବଜାର ମଧ୍ୟରେ ଥିବା ମଦ ଦୋକାନ ଉଚ୍ଛେଦ ପାଇଁ ଉକ୍ତ ପଞ୍ଚାୟତର ମହିଳା ଓ ପୁରୁଷ ମଙ୍ଗଳବାର ଜିଲା ଅବକାରୀ ଅଫିସ୍‌କୁ ଘେରାଉ କରିଥିଲେ। ସାରଗାଁ ସରପଞ୍ଚ ରବି ନାୟକଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଉପଜିଲାପାଳ ନୀଲୁ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କୁ ଭେଟି ମଦ ଦୋକାନ ଉଚ୍ଛେଦ ନିମନ୍ତେ ଆଲୋଚନା କରିଛନ୍ତି।

ସାରଗାଁ ବଜାରରେ ୩ଟି ବିଦ୍ୟାଳୟ, ଭିନ୍ନ ଭିନ୍ନ ମନ୍ଦିର ରହିଛି। ବଜାର ମଝିରେ ମଦ ଦୋକାନ କରାଯାଇ ଥିବାରୁ ବିଭିନ୍ନ ସମୟରେ ଯୁବକମାନେ ମଦ୍ୟପାନ କରି ଗଣ୍ଡଗୋଳ କରୁଛନ୍ତି। ଫଳରେ ସ୍କୁଲ ପିଲା ତଥା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ମଦ ଦୋକାନ ଉଚ୍ଛେଦ ନେଇ ଆନ୍ଦୋଳନ କରାଯାଇଥିଲା। ପୂର୍ବତନ ଜିଲାପାଳ ରମେଶ ଚନ୍ଦ୍ର ରାଉତ ୭ଦିନ ମଧ୍ୟରେ ସ୍ଥାନାନ୍ତରିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସନ୍ଧ୍ୟା ୭ଟା ପରେ ରାସ୍ତାରେ ଯିବାକୁ ଝିଅବୋହୂମାନେ ସୁରକ୍ଷିତ ମଣୁନାହାନ୍ତି। ୧୫ଦିନ ମଧ୍ୟରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସାରଗାଁ ରାସ୍ତା ଅବରୋଧ ସହ ଅନଶନ କରାଯିବ ବୋଲି ଗ୍ରାମବାସୀ ଲମ୍ବୋଧର ପ୍ରଧାନ, ସତ୍ୟ କୁମାର ମିଶ୍ର, ରଣଜିତ ଦାସ, ଉମାକାନ୍ତ ମହାଲିକ, ଗୌତମ ଦାସ, ପର୍ଶୁରାମ ନାୟକ, ସସ୍ମିତା ବାରିକ, ପାର୍ବତୀ ସେଠୀ, ସବିତା ଦାସ, ସରସ୍ୱତୀ ସାହୁ, ପ୍ରଭାତୀ ସାହୁ, ମାନସୀ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରା କହିଛନ୍ତି, ଅଭିଯୋଗ ହସ୍ତଗତ ହୋଇଛି। ଉକ୍ତ ମଦ ଦୋକାନ ସ୍ଥାନାନ୍ତରିତ କରିବା ପାଇଁ ପୂର୍ବରୁ ନୋଟିସ୍ ଦିଆଯାଇଥିଲା। ଏହାକୁ ବିରୋଧ କରି ମଦ ଦୋକାନ ମାଲିକ ହାଇକୋର୍ଟରେ ମାମଲା ରୁଜୁ କରିଥିବାବେଳେ ଏହା ଏବେ ବିଚାରାଧୀନ ରହିଛି। ମାମଲାର ସ୍ଥିତିକୁ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ


ମୁଖ୍ୟଅତିଥିଙ୍କ ସହ ଅନ୍ୟମାନେ ।

**ଛେଣ୍ଡିପଦା,୨୦।୮(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ନୂଆପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟା ଗୌରୀ ପ୍ରଧାନ, ସରପଞ୍ଚ ସସ୍ମିତା ପ୍ରଧାନ, ସମିତିସଭ୍ୟା ପୁଷ୍ପଲତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରଣଜିତ କୁମାର ନାଥ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ଗଡନାୟକ, ଯୁବନେତା ରାକେଶ କୁମାର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ନାଏକଙ୍କ ପୌରୋହିତ୍ୟରେ ପ୍ରାୟ ୧୨୫ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ତଥା ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଉପସ୍ଥିତ ଥିଲେ।

## ଓଡ଼ିଆ ବିଭାଗର ସ୍ୱାଗତ ଉତ୍ସବ

**ରୂପ୍‌ସା, ୨୦।୮(ଡ଼ି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଭାଗୀୟ ମୁଖ୍ୟ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ଓଡିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଯୋଗ ଦେଇ ଓଡିଆ ଭାଷା ଓ ସାହିତ୍ୟର ଉତ୍ପତ୍ତି ଏବଂ ଏହାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପିକା କଳ୍ପନାମରୀ ପାତ୍ର , ଅର୍ଥନୀତି ବିଭାଗ ଅଧ୍ୟାପକ ସରୋଜ କୁମାର ପାଣି ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇ ଥିଲେ। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଛାତ୍ର ମାନସ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକଙ୍କ ଗାଡ଼ି ପୋଡ଼ିକୁ ନିନ୍ଦା


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କଣିହାଁ,୨୦।୮(ଡି.ଏନ.ଏ.)**

ଭୁବନେଶ୍ୱରସ୍ଥିତ ଏମ୍‌ଏଲ୍‌ଏ କଲୋନୀସ୍ଥିତ କ୍ୱାର୍ଟର୍ସରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ଗାଡ଼ିରେ ରବିବାର ରାତିରେ ନିଆଁ ଲଗାଇ ଦିଆଯିବା ଘଟଣାକୁ କଣିହାଁ ବ୍ଲକର ଜନସାଧାରଣ ନିନ୍ଦା କରିଛନ୍ତି। ଶିକ୍ଷାବିତ୍ ନୀଳମଣି ପ୍ରଧାନ, ବିଶ୍ୱନାଥ ମିଶ୍ର, ନଗେନ୍ଦ୍ର ପ୍ରଧାନ, ସରପଞ୍ଚ ଦୁଃଶାସନ ସାହୁ ପ୍ରମୁଖ ବିଜିଗୋଳ ରାମ ମନ୍ଦିରଠାରୁ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟରେ ବିଡିଓ ରମେଶ କୁମାର ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକଙ୍କ ଗାଡ଼ି ପୋଡ଼ି ଘଟଣାର ତଦନ୍ତ କରି ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଥିଲେ। ଏଥି ଶୋଭାଯାତ୍ରାରେ ବହୁ ବିଜେଡି କର୍ମୀ ସାମିଲ ଥିଲେ।


ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ବଗଡିଆ ବଡ଼ଯୋରା ନିକଟରେ ସୋମବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଟାଙ୍ଗିର ପଞ୍ଚାୟତ ପାଣପଶି ଗ୍ରାମର ଲଳିତା ମାଝିଙ୍କ ମୃତ୍ୟୁ ପରେ କ୍ଷତିପୂରଣ ଦାବିରେ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ବାଗେଡିଆ-ଛେଣ୍ଡିପଦା-ଅନୁଗୋଳ ମୁଖ୍ୟ ରାସ୍ତା ଅବରୋଧ କରାଯାଇଛି।

■ଢେଙ୍କାନାଳ ଶେଲ୍‌ଟର ହୋମ୍ ଯୌନ ନିର୍ଯାତନା ମାମଲା

## ରହମାନ୍‌ଙ୍କ ଜାମିନ ଆବେଦନର ଶୁଣାଣି ଶେଷ

**କଟକ ଅଫିସ, ୨୦।୮:**

ଢେଙ୍କାନାଳର ବହୁ ଚର୍ଚ୍ଚିତ ଶେଲଟର ହୋମ୍ ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ଫୟାଜ ରହମାନ ଓ ସୀମାଞ୍ଚଳ ନାୟକଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟରେ ମଙ୍ଗଳବାର ଶୁଣାଣି ଶେଷ ହୋଇଛି। ତେବେ ହାଇକୋର୍ଟ ତାଙ୍କ ରାୟ ସୁରକ୍ଷିତ ରଖିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଢେଙ୍କାନାଳ ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ' ଶିଶୁ ପରିଚାଳନା ଗୃହରେ ଶିଶୁମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାର ତଦନ୍ତ କରି ପୋଲିସ ଶେଲଟର ହୋମ୍ ଅଧ୍ୟକ୍ଷ ରହମାନ ଓ କର୍ମକର୍ତ୍ତା ସୀମାଞ୍ଚଳ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଢେଙ୍କାନାଳ ପୋକ୍ସୋ କୋର୍ଟରେ ସୀମାଞ୍ଚଳଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସୁପାରିସ କ୍ରମେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୁକ୍ତ ଘଟଣାର ତଦନ୍ତ କରୁଛନ୍ତି। ଅନ୍ୟପକ୍ଷରେ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ' ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋଇଥିବାବେଳେ ବେଲଟିକିରିରେ 'ଡ୍ରିମ୍ ହୋମ' ନାମରେ ଶିଶୁ ଆଶ୍ରୟସ୍ଥଳ ଚାଲିଥିଲା। ଏହା ଅଧୀନରେ ରାଜ୍ୟରେ ଅନ୍ୟ ୨୫ଟି ଶିଶୁ ଆଶ୍ରୟସ୍ଥଳ ରହିଥିଲା। ତନ୍ମଧ୍ୟରୁ ୧୫ଟି ଆଶ୍ରୟସ୍ଥଳ ବେଆଇନ ବୋଲି ତଦନ୍ତରୁ ଜଣାପଡ଼ିଥିଲା।

ଧାରା ୩୭୦ ଉଚ୍ଛେଦକୁ ଅପରାଜିତାଙ୍କ ପ୍ରଶଂସା

## ଲୋକଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ମିଳିବ

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ଧାରା ୩୭୦ ଉଚ୍ଛେଦ ଏକ ଐତିହାସିକ ନିଷ୍ପତ୍ତି। ଏପରି ଏକ ବ୍ୟବସ୍ଥା ଯୋଗୁ ଜମ୍ମୁ-କଶ୍ମୀର ଓ ଲଦାଖର ଭଉଣୀ, ଭାଇମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ବିକାଶରେ ଯେଉଁ ବାଧକ ଥିଲା ତାହା ବର୍ତ୍ତମାନ ଦୂର ହୋଇଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବାବା ସାହେବ ଆମ୍ବେଡ଼କର, ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ କୋଟିକୋଟି ଦେଶବାସୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହା ବର୍ତ୍ତମାନ ପୂରଣ ହୋଇଛି ବୋଲି ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ଜମ୍ମୁ-କଶ୍ମୀର ଏବଂ ଲଦାଖରେ ନୂଆ ଯୁଗର ଆରମ୍ଭ ହୋଇଛି। ଏବେ ଦେଶର ସମସ୍ତ ନାଗରିକଙ୍କ ଅଧିକାର ଏବଂ ଦାୟିତ୍ୱ ସମାନ। ଅନୁଚ୍ଛେଦ ୩୭୦ ଏବଂ ୩୫(ଏ) ଜମ୍ମୁ-କଶ୍ମୀରକୁ ବିଚ୍ଛିନ୍ନତାବାଦ, ଆତଙ୍କବାଦ, ପରିବାରବାଦ ଏବଂ ବ୍ୟବସ୍ଥାରେ ବ୍ୟାପକ ଭ୍ରଷ୍ଟାଚାର ବ୍ୟତୀତ କିଛି ଦେଇନାହିଁ। ଏହି ଦୁଇଟି ଅନୁଚ୍ଛେଦକୁ ଦେଶ ବିରୋଧରେ, କିଛି ଲୋକଙ୍କ ଭାବନାକୁ ଉତ୍ତେଜିତ କରିବା ପାଇଁ ପାକିସ୍ତାନ ପକ୍ଷରୁ ଅସ୍ତ୍ରଭାବେ ଉପଯୋଗ କରାଯାଉଥିଲା। ଏହି କାରଣରୁ ଗତ ତିନି ଦଶନ୍ଧି ମଧ୍ୟରେ ପାଖାପାଖି ୪୨ ହଜାର ନିର୍ଦ୍ଦୋଷ ଲୋକଙ୍କୁ ଜୀବନ ହରାଇବାକୁ ପଡିଛି। ଜମ୍ମୁ-କଶ୍ମୀର ଏବଂ ଲଦାଖରେ ବିକାଶ ଯେଉଁ ଗତିରେ ହେବା କଥା ସେଭଳି ହୋଇପାରିନାହିଁ। ବର୍ତ୍ତମାନ ବ୍ୟବସ୍ଥାର ଏହି ଅଭାବ ଦୂର ହେବା ଫଳରେ ଜମ୍ମୁ-କଶ୍ମୀର ଓ ଲଦାଖର ଲୋକମାନଙ୍କ ସ୍ଥିତି ସୁଧୁରିବା ସହିତ ସେମାନଙ୍କ ଭବିଷ୍ୟତ ମଧ୍ୟ ସୁରକ୍ଷିତ ହେବ। ଜମ୍ମୁ-କଶ୍ମୀର ଏବଂ ଲଦାଖରେ ଖାଲିଥିବା ସମସ୍ତ କେନ୍ଦ୍ର ଓ ରାଜ୍ୟ ପଦବୀ ପୂରଣ କରିବାର ପ୍ରକ୍ରିୟା ଆରମ୍ଭ କରାଯିବ। ଏଥିରୁ ସ୍ଥାନୀୟ ଯୁବତୀ,ଯୁବକଙ୍କୁ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ମିଳିପାରିବ। ଏହାଦ୍ୱାରା ସେହି ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ମଧ୍ୟ ହ୍ରାସ ପାଇବ। ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରାଯିବ। ଜମ୍ମୁ-କଶ୍ମୀରର ବହୁ ଲୋକ ଯେଉଁମାନେ ଲୋକସଭା ନିର୍ବାଚନରେ ଭୋଟ ଦେବାର ଅଧିକାର ପାଉଥିଲେ ସେମାନେ ବିଧାନସଭା ଏବଂ ସ୍ଥାନୀୟ ପଞ୍ଚାୟତ ନିର୍ବାଚନରେ ମତଦାନ କରିପାରୁ ନ ଥିଲେ। ବର୍ତ୍ତମାନ ସେମାନଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ମିଳିବ ବୋଲି ଅପରାଜିତା କହିଛନ୍ତି । ଜମ୍ମୁ-କଶ୍ମୀର ଏବଂ ଲଦାଖ ବିଶ୍ୱର ସବୁଠୁ ବଡ଼ ପର୍ଯ୍ୟଟନ ଲକ୍ଷ୍ୟସ୍ଥଳୀ ହେବାର କ୍ଷମତା ରହିଛି। ସେହି ଅଞ୍ଚଳର ଯେଉଁ ଯୁବକମାନେ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢିବା ଲାଗି ଚାହୁଁଛନ୍ତି ତାଙ୍କୁ ସାହାଯ୍ୟ କରାଯିବ। ନୂଆ କ୍ରୀଡ଼ା ପ୍ରଶିକ୍ଷଣ, ନୂଆ ଖେଳଷ୍ଟାଡିୟମ, ବୈଜ୍ଞାନିକ ପରିବେଶରେ ତାଲିମ, ସେମାନଙ୍କୁ ବିଶ୍ୱରେ ନିଜ ପ୍ରତିଭା ପ୍ରଦର୍ଶନ କରିବାରେ ସହାୟତା ମିଳିପାରିବ ବୋଲି ଅପରାଜିତା କହିଛନ୍ତି । ଏହି ନିଷ୍ପତ୍ତି ପାଇଁ ଅପରାଜିତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଅପରାଜିତା ଷଡ଼ଙ୍ଗୀ

# ସଭାନେତ୍ରୀଙ୍କୁ ଆକ୍ରମଣ, ଜଣେ ଗିରଫ

ବଇଣ୍ଡା,୨୦।୮(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଠାକୁରଗଡ଼ ଗ୍ରାମର ଜୟ ମା' ହିଙ୍ଗୁଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ କୁନି ଦେହୁରି(୩୯)ଙ୍କୁ ଅଠରଫୁଟିଆ ସାହିର ଅଜିତ୍ ଘଡେଇ ପଥରରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୮୧/୧୯ରେ ଏକ ମାମଲା ରୁଜୁ କରି ଅଜିତଙ୍କୁ ଗିରଫ କରିଛି। ପୋଲିସ କହିଛି, ଠାକୁରଗଡ଼ ହନୁମାନ ମନ୍ଦିର ନିକଟସ୍ଥ ଅଙ୍ଗନୱାଡ଼ି ଗୃହ ପରିସରରେ କୁନି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ବୈଠକ କରୁଥିବାବେଳେ ଅଜିତ୍ ଏକ ଅଟୋରେ ଆସି ମହିଳାଙ୍କୁ ଗାଳିଗୁଲଜ କରିଥିଲେ। କୁନି ଏହାର ପ୍ରତିବାଦ କରିବାରୁ ତାଙ୍କୁ ଏକ ପଥରରେ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।




# ଦଣ୍ଡ ଅନୁଷ୍ଠାନ ବଞ୍ଚାଇ ରଖିବା ଉପରେ ଗୁରୁତ୍ୱ

ବଅଁରପାଳ, ୨୦।୮ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ କୁଲାଡ଼ ମା' କାଳୀ ଦଣ୍ଡ ଅନୁଷ୍ଠାନ ଆନୁକୂଲ୍ୟରେ ଉତ୍କଳୀୟ ଦଣ୍ଡ ସଂସ୍କୃତି ମହାସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ହରମୋହନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ଦଣ୍ଡ ଅନୁଷ୍ଠାନକୁ କିଭଳି ବଞ୍ଚାଇ ରଖାଯିବ ସହ କଳାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ଅନୁଷ୍ଠାନର ବାର୍ଷିକ ଆୟବ୍ୟୟ ଅଟକଳ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସମ୍ପାଦକ ବିପିନ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଯୋଗେନ୍ଦ୍ର ବିଶ୍ୱାଳ, ଉପଦେଷ୍ଟା ଦେବହରି ସାହୁ, ଉପସଭାପତି ଉପେନ୍ଦ୍ର ମହନ୍ତ, ମାର୍କଣ୍ଡ ଦାସ, ବ୍ରହ୍ମାନନ୍ଦ ଦାସ, କଳାକାର ବିନୟ ବେହେରା, ରମେଶ ଗଡ଼ନାୟକ, ଅଭୟ ସାମଲ, ବାମଦେବ ସେଠ, ଅକ୍ଷୟ ଜେନା, ମ୍ୟାନେଜର ପ୍ରଶନ୍ନ ପୃଷ୍ଟି, ଶରତ ଚନ୍ଦ୍ର ଅମାନ୍ତ, ନିର୍ମଳ ନାୟକଙ୍କ ସମେତ ବହୁ କଳାକାର ଓ ବିଚାରକମାନେ ଉପସ୍ଥିତ ଥିଲେ।


ମହାସଂଘ ବୈଠକରେ ଉପସ୍ଥିତ କଳାକାର ଓ ବିଚାରକ।




# ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର

ବଇଣ୍ଡା,୨୦।୮(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ସୋମବାର ପାଇକସାହି ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକ ନକଲ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୧୯୫୮ରେ ଗ୍ରାମବାସୀ ଏହି ବିଦ୍ୟାଳୟ ସ୍ଥାପନ କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହା ଥିବାବେଳେ ୧୪୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କ ପାଇଁ ପ୍ରଧାନଶିକ୍ଷକଙ୍କ ସମେତ ୪ ଜଣ ସହକାରୀ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୩ ଜଣ ସହକାରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ପ୍ରଧାନଶିକ୍ଷକଙ୍କ ସମେତ ଆଉ ଜଣେ ସହକାରୀ ଶିକ୍ଷକ ପଦବୀ ଦୀର୍ଘବର୍ଷ ହେବ ଖାଲି ପଡ଼ିଛି। ଫଳରେ ପାଠପଢ଼ା ଓ ଅଫିସ କାର୍ଯ୍ୟ କରିବାର ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ଏ ନେଇ ବହୁବାର ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କ ସମେତ ଜଣେ ସହକାରୀ ଶିକ୍ଷକ ନିଯୁକ୍ତି କରିବା ପାଇଁ ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ ବେହେରା, ଅର୍ଚ୍ଚନା ନାୟକ, ଅଚ୍ୟୁତ ନାୟକ, ଦମୟନ୍ତୀ ସାହୁ ପ୍ରମୁଖ ଦାବି କରିଛନ୍ତି।

# ବଦଳିକୁ ଅଭିଭାବକଙ୍କ ବିରୋଧ

ଆଠମଲ୍ଲିକ,୨୦।୮(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳିକୁ ବିରୋଧ କରି ମଙ୍ଗଳବାର ଅଭିଭାବକମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଭାବକମାନେ ଦର୍ଶାଇଛନ୍ତି ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ୧୧୩ ଛାତ୍ରୀଛାତ୍ର ପଢୁଛନ୍ତି। ଏଥିପାଇଁ ୬ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ମିଳିଥିଲା। କିନ୍ତୁ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରି ଦିଆଯାଇଛି। ଶିକ୍ଷାବର୍ଷ ମଝିରେ ଏପରି ବଦଳି ଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ। ଏହାଛଡ଼ା ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲେ ମଧ୍ୟ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଏପରି ବଦଳିକୁ ଅଭିଭାବକମାନେ ବିରୋଧ କରିବା ସହିତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ବଦଳି ବାତିଲ କରିବାକୁ ଅଭିଭାବକ ହେମନ୍ତ କୁମ୍ଭାର, ଫକୀର ମହାନନ୍ଦିଆ, ହାଡିବନ୍ଧୁ ପେର, ମକରଧ୍ୱଜ ରାଜହଂସ, ପ୍ରଶାନ୍ତ କ୍ଷେତୀ, ଶୂନ୍ୟବାସୀ ଦଳବେହେରା, ବିଜୟାନନ୍ଦ ପ୍ରଧାନ, ଗିରିଜାଶଙ୍କର ସାହୁ ପ୍ରମୁଖ ଦାବି କରିଛନ୍ତି। ସ୍ଥାନୀୟ ଏବିଇଓ ରମଣିରଞ୍ଜନ ତ୍ରିପାଠୀ କହିଛନ୍ତି, ବଦଳି ନୁହେ, ଉକ୍ତ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନ୍‌ରେ ପଠାଯାଇଛି। ଯେକୌଣସି ସମୟରେ ତାଙ୍କୁ ଫେରାଇ ଅଣାଯାଇ ପାରିବ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ